୬



ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସଂଜୁ ସାମସନ୍

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୩ ● ସଂଖ୍ୟା-୩୬ ● ୭ ମାର୍ଚ୍ଚ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-36 ● 7th March 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



ମାର୍ଚ୍ଚ ୭ ତାରିଖ ଓଡ଼ିଶାର ସର୍ବ ପୁରାତନ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା କର୍ମବୀର ଗୌରୀଶଙ୍କର ରାୟଙ୍କ ତିରୋଧାନ ଦିବସ । ପୁଣ୍ୟାତ୍ମାଙ୍କ ଏହି ତିରୋଧାନ ଦିବସରେ ବର୍ତ୍ତମାନ 'ଉତ୍କଳ ଦୀପିକା'କୁ ପ୍ରକାଶ କରୁଥିବା ତାଙ୍କ ସୁଯୋଗ୍ୟ ନାତି, ସମ୍ପାଦକ, ସାମ୍ବାଦିକ ତଥା ସାହିତ୍ୟିକ ଜୟାଶୀଷ ରାୟ ଏବଂ 'ସମ୍ବାଦ କଳିକା', 'କଥା କଳିକା', 'ରବିବାସରୀୟ କଳିକା' ତଥା 'ଉତ୍କଳ ଦୀପିକା'ର ସମସ୍ତ କର୍ମକର୍ତ୍ତା ଏବଂ ପରିବାରବର୍ଗଙ୍କ ଗଭୀର ଶ୍ରଦ୍ଧାଞ୍ଜଳି ।

## ସିଆଇଏସଏଫ୍ ନେବ ଦାୟିତ୍ୱ

# ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ମୁକ୍ତ ହେବ ଭାରତ

କଟକ, ୬।୩

ନ୍ୟୁଜ୍ ବ୍ୟୁରୋ




ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲବାଦ ଶେଷ ହେବ । ନକ୍ସଲବାଦ ଉତ୍ପାଟନ ଠାରୁ ଆରମ୍ଭକରି ଦେଶର ଔଦ୍ୟୋଗିକ ସୁରକ୍ଷା ଏବଂ ଅଭିବୃଦ୍ଧିରେ ସିଆଇଏସଏଫର ଅବଦାନ ଅତୁଳନୀୟ । ତେଣୁ ଦେଶର ସମସ୍ତ ବନ୍ଦର ସୁରକ୍ଷା ପାଇଁ ସିଆଇଏସଏଫକୁ ଦାୟିତ୍ୱ ଦିଆଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି । ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସିଆଇଏସଏଫର ଅବଦାନ ଅତୁଳନୀୟ, ଏହି ଅର୍ଦ୍ଧ ସାମରିକ ବାହିନୀକୁ ଆହୁରି ମଜଭୁତ କରିବା ଲାଗି କେନ୍ଦ୍ର ସରକାର ସମସ୍ତ ପ୍ରକାରର ବ୍ୟବସ୍ଥା କରିବେ ବୋଲି ଶୁକ୍ରବାର ମୁଣ୍ଡଳୀ ଠାରେ ଆୟୋଜିତ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ ଅବସରରେ ଶାହ କହିଛନ୍ତି । ଦେଶର ଔଦ୍ୟୋଗିକ ବିକାଶ ହେଲେ ଆର୍ଥିକ ସ୍ତରରେ ଦେଶ ମଜଭୁତ୍ ହେବ । ସେହି ଔଦ୍ୟୋଗିକ ସଂସ୍ଥାପନକୁ ଦୃଢ଼ତାର ସହ ସୁରକ୍ଷା ପ୍ରଦାନ କରୁଛି ସିଆଇଏସଏଫ । ସିଆଇଏସଏଫ ଯବାନଙ୍କ ଚେହେରାରେ ଆଜି ଖୁସି ଦେଖାଯାଉଛି । ସେହିପରି ସିଆଇଏସଏଫ ବିନା ଦେଶର କୌଣସି ବି ଉଦ୍ୟୋଗର ବିକାଶ ହୋଇପାରିବ ନାହିଁ । ଏବେ ଦେଶର ସବୁ ବନ୍ଦରର ସୁରକ୍ଷା ସିଆଇଏସଏଫକୁ ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର । ଓଡ଼ିଶାର ଏହି ପବିତ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭୂମିକୁ ଆସି ମୁଁ ଗର୍ବିତ ବୋଲି କହିଛନ୍ତି ଗୃହମନ୍ତ୍ରୀ । ସେ କହିଛନ୍ତି କଟକ ହେଉଛି ନେତାଜୀଙ୍କ ଜନ୍ମସ୍ଥାନ । ଏହା ଗୋଟିଏ ସୈନ୍ୟସ୍ଥଳୀ ଅଞ୍ଚଳ। ସହିଦ ବାଜି ରାଉତଙ୍କ ସହ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଣାମ କରୁଛି । ସବୁ କ୍ଷେତ୍ରରେ ସିଆଇଏସଏଫ ଉତ୍କୃଷ୍ଟ ପ୍ରଦର୍ଶନ କରୁଛି । ୨୦୪୭ ସୁଦ୍ଧା ଦେଶ ଗୋଟିଏ ଦୃଢ଼ ଆର୍ଥିକ ମଜଭୁତ୍ ରାଷ୍ଟ୍ର ଭାବେ ଗଠନ ହେବ ବୋଲି ଗୃହମନ୍ତ୍ରୀ କହିଛନ୍ତି । ନକ୍ସଲବାଦକୁ କଡ଼ା ତଥା ଶେଷ ଚେତାବନୀ ଦେଇଛନ୍ତି ଅମିତ ଶାହ । ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଦେଶ ନକ୍ସଲ ମୁକ୍ତ ହେବ ବୋଲି ପୁଣିଥରେ ଦୋହରାଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ । ଦେଶର ୩୬୧ଟି ଶିଳ୍ପ କ୍ଷେତ୍ରର ସୁରକ୍ଷା ଦାୟିତ୍ୱ ସମ୍ପାଦନ କରୁଛି ସିଆଇଏସଏଫ । ତା ସହିତ ୩୧ଟି ବିମାନ ବନ୍ଦର ସମେତ ଦେଶ ସଂସଦର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ସିଆଇଏସଏଫର ବୀର ଯବାନମାନେ । ଏହା ବ୍ୟତୀତ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ଯଥା ଆତଙ୍କବାଦର ମୁକାବିଲା, ନକ୍ସଲ ଅପରେସନ ଏବଂ ସବୁ ପ୍ରକାରର ଅପାତଃକାଳୀନ ସ୍ଥିତିର ମୁକାବିଲା ପାଇଁ ସିଆଇଏସଏଫ ପ୍ରସ୍ତୁତ (ପୃଷ୍ଠା ୭ରେ)

## ଇରାନ ସହ ମହାସମର

# ଆମେରିକା ପାଇଁ ମହଙ୍ଗା ପଡୁଛି





ୱାଶିଂଟନ, ୬।୩

ମାର୍ଚ୍ଚ ୬ ତାରିଖ ଶୁକ୍ରବାର ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧକୁ ସପ୍ତାହେ ପୂରିଛି । ଏହି ମହାଯୁଦ୍ଧରେ ଆମେରିକୀୟ 'ଥିଙ୍କ ଟ୍ୟାଙ୍କ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଇଣ୍ଟରନ୍ୟାସନାଲ୍ ଷ୍ଟଡିଜ୍' (ସିଏସଆଇଏସ) ଏହି ବ୍ୟୟବହୁଳ ଯୁଦ୍ଧକୁ ନେଇ ଏକ ବିଶ୍ଳେଷଣ କରିଛି । ଏହି ଆକଳନ ୱାଶିଂଟନ୍ ସ୍ଥିତ 'ସିଏସଆଇଏସ୍'ର ବିଶେଷଜ୍ଞ ମାର୍କ କାନସିଆନ୍ ଓ କ୍ରିସ୍ ପାର୍କଙ୍କ ଦ୍ୱାରା କରାଯାଇଥିବାବେଳେ ରିପୋର୍ଟ କହିଛି, ପ୍ରଥମ ୧୦୦ ଘଣ୍ଟାର ଯୁଦ୍ଧରେ ଆମେରିକାକୁ ପ୍ରାୟ ୩.୭ ବିଲିୟନ ଡଲାର ଅର୍ଥାତ ପ୍ରାୟ ୩୧ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଛି । ସେହି ହିସାବରେ ପ୍ରତିଦିନ ହାରାହାରି ଖର୍ଚ୍ଚ ପ୍ରାୟ ୮୯୧ ମିଲିୟନ୍ ଡଲାର, ଅର୍ଥାତ ପ୍ରାୟ ୯୦କୋଟି ଡଲାର ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି । ବିଶେଷଜ୍ଞମାନେ କହିଛନ୍ତି ଯେ ମହଙ୍ଗା ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ଓ ବୋମା ବ୍ୟବହାର ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବାଧିକ ଖର୍ଚ୍ଚ ହୋଇଛି ।

ଥିଙ୍କ ଟ୍ୟାଙ୍କ ରିପୋର୍ଟରେ କୁହାଯାଇଛି ଯେ ପାଟ୍ରିଅଟ୍ ଭଳି ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ସିଷ୍ଟମ ପାଇଁ ୧.୭ ବିଲିୟନ ଡଲାର ଖର୍ଚ୍ଚ ହୋଇଛି, ଯେତେବେଳେ କି କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଆକ୍ରମଣାତ୍ମକ ଅସ୍ତ୍ର ପାଇଁ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି । ଏହା ବ୍ୟତୀତ ଲଢୁଆ ବିମାନ ଓ ବିମାନ ପରିଚାଳନା ପାଇଁ ୧୨୫ (ପୃଷ୍ଠା ୭ରେ)

## ରାଜ୍ୟସଭା ନିର୍ବାଚନରେ କାଏମ ରହିଲା ୫ ଜଣଙ୍କ ପ୍ରାର୍ଥିପତ୍ର

ଭୁବନେଶ୍ୱର, ୬।୩

ନ୍ୟୁଜ୍ ବ୍ୟୁରୋ

ପ୍ରାର୍ଥିପତ୍ର ଯାଞ୍ଚ ପରେ ରାଜ୍ୟସଭା ନିର୍ବାଚନ ପାଇଁ କାଏମ ରହିଲା ୫ ଜଣଙ୍କ ପ୍ରାର୍ଥିପତ୍ର । ୬ ଜଣ ନାମାଙ୍କନ କରିଥିବା ବେଳେ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି । ବିଜେଡିର ସଂତୃପ୍ତ ମିଶ୍ର, କମନ କ୍ୟାଣ୍ଡିଡେଟ୍ ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ବିଜେପିର ମନମୋହନ ସାମଲ, ସୁଜିତ କୁମାରଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ୍ୟ ପ୍ରାର୍ଥିପତ୍ର କାଏମ ରହିଛି । ତେଲେଙ୍ଗାନାର କାନ୍ତେ ସାୟାନାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ସୂଚନା ମିଳିଛି ।

## ଏସଆଇଆର ପାଇଁ ୨୦୦୫ ଓ ୨୦୦୨ ମସିହା ଭୋଟର ତାଲିକା ସହିତ ମ୍ୟାପିଂ କରାଯାଉଛି

ଭୁବନେଶ୍ୱର, ୬।୩

ନ୍ୟୁଜ୍ ବ୍ୟୁରୋ



ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ପାଇଁ ୨୦୦୨ ମସିହାର ଭୋଟର ତାଲିକା ସହିତ ମ୍ୟାପିଂ ପ୍ରକ୍ରିୟା ଉପରେ ଏକ ବିସ୍ତୃତ ଉପସ୍ଥାପନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡ଼ିଆ ସେଣ୍ଟରରେ ଆୟୋଜିତ ହୋଇଥିଲା ।

ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୦୦୨ ଭୋଟର ତାଲିକାକୁ ଏକ ମୂଳ ଆଧାର ଭାବେ ବ୍ୟବହାର କରି ୨୦୨୫ ଭୋଟର ତାଲିକା ସହିତ ମ୍ୟାପିଂ କରାଯିବ ।

ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ/ଜନ୍ମତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଇପିଆଇସି ବିବରଣୀ ମିଳାଯିବ । ଏହି ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀମାନେ କ୍ଷେତ୍ର ସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ସିଇଓ ଓଡ଼ିଶା ୱେବସାଇଟ୍ ଓ ଇସିଆଇ ନେଟ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଞ୍ଚ କରିପାରିବେ । ନାଗରିକମାନଙ୍କୁ ନିଜ ନାମ ୨୦୨୫ ଓ ୨୦୦୨ ଭୋଟର ତାଲିକାରେ ଯାଞ୍ଚ କରି ସମ୍ବନ୍ଧିତ ବିବରଣୀ ବୁଥ ସ୍ତରୀୟ ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରାଯାଇଛି । ଯଦି ୨୦୦୨ ତାଲିକାରେ ନାମ ନ ମିଳେ, ତେବେ (ପୃଷ୍ଠା ୭ରେ)

## ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେଇ କୃଷି ରପ୍ତାନି ବୃଦ୍ଧି ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୬।୩



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କହିଛନ୍ତି ଯେ ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସଚେତନତା ଯୋଗୁଁ, ଜୈବିକ ଏବଂ ରାସାୟନିକ ମୁକ୍ତ ଖାଦ୍ୟ ଉତ୍ପାଦର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଏବଂ ଭାରତ ଏହି ସୁଯୋଗକୁ ହାତଛଡ଼ା କରି ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେଇ କୃଷି ଉତ୍ପାଦକୁ ରପ୍ତାନି-ମୁଖୀ କରିବା ଉଚିତ । ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ବିଶ୍ୱବ୍ୟାପୀ ଅର୍ଗାନିକ ଡାଇଟ, ଅର୍ଗାନିକ ଫୁଡ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟସେବା ପ୍ରତି ଆଗ୍ରହ ବୃଦ୍ଧି ପାଉଛି ।ଭାରତୀୟ କୃଷକମାନଙ୍କ ପ୍ରାକୃତିକ କୃଷି ଏବଂ ରାସାୟନିକ ମୁକ୍ତ ଉତ୍ପାଦ ବିଶ୍ୱ ବଜାରରେ ପହଞ୍ଚିବା ପାଇଁ ଏକ 'ରାଜପଥ' ହୋଇପାରିବ । ସେ କହିଛନ୍ତି ଯେ ସରକାର ଏହି ଉଦ୍ଦେଶ୍ୟରେ ପ୍ରମାଣପତ୍ର, ପ୍ରୟୋଗଶାଳା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ବିକାଶ କରିବାକୁ ବିଚାର କରୁଛନ୍ତି, କିନ୍ତୁ ସମସ୍ତ ଅଂଶୀଦାରଙ୍କୁ ଏହି ଦିଗରେ ଏକାଠି କାମ କରିବାକୁ ପଡିବ ।ସେ କହିଛନ୍ତି ଯେ ସରକାର ଏହି ଉଦ୍ଦେଶ୍ୟରେ ପ୍ରମାଣପତ୍ର, ପ୍ରୟୋଗଶାଳା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ବିକାଶ କରିବାକୁ ବିଚାର କରୁଛନ୍ତି, କିନ୍ତୁ ସମସ୍ତ ଅଂଶୀଦାରଙ୍କୁ ଏହି ଦିଗରେ ଏକାଠି କାମ କରିବାକୁ ପଡିବ । ସେ କହିଛନ୍ତି ଯେ କେବଳ ଗୋଟିଏ ଫସଲ ଉପରେ ନିର୍ଭର କରିବା ଚାଷୀଙ୍କ ପାଇଁ ବିପଦ ବୃଦ୍ଧି କରେ ଏବଂ ଆୟ ବିକଳ୍ପଗୁଡ଼ିକୁ ସୀମିତ କରେ । ତେଣୁ, ସରକାର ଫସଲ ବିବିଧତା (ପୃଷ୍ଠା ୭ରେ)

## ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୬।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ବର୍ଷା ସମ୍ଭାବନା । ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ରହିବ ପ୍ରଭାବ । ୧୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ କରାଯାଇଛି । ସେପଟେ ପ୍ରବଳ ଗୁଳୁଗୁଳି ନେଇ ବି ସତର୍କ କରାଇଛି ପାଣିପାଗ ବିଭାଗ । ଶନିବାର ଠାରୁ ୯ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ।

ଶନିବାର ଉତ୍ତର ଓଡ଼ିଶାର ଝାରସୁଗୁଡ଼ା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀରେ କାଳବୈଶାଖି ବର୍ଷା ହେବ । ୮ ତାରିଖ ପାଇଁ ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୯ ତାରିଖରେ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୮ରେ ଅଧା ଓଡ଼ିଶାରେ ହେବ ବର୍ଷା । ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରେ କାଳବୈଶାଖୀ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

## ସୁଖୋଇ-୩୦ ଏମକେଆଇ ଫାଇଟର ଜେଟ୍ କ୍ରାସ୍‌ରେ ୨ ପାଇଲଟଙ୍କ ମୃତ୍ୟୁ

କାର୍ବି ଆଙ୍ଗଲୋଙ୍ଗ, ୬।୩

ଆସାମର କାର୍ବି ଆଙ୍ଗଲୋଙ୍ଗ ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ବେଳେ ସୁଖୋଇ-୩୦ ଫାଇଟର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣ ପାଇଲଟଙ୍କ ମୃତ୍ୟୁ ଘଟିଛି । ମୃତକମାନଙ୍କୁ ଚିହ୍ନଟ କରାଯାଇଛି । ସେମାନେ ହେଲେ ସ୍କ୍ୱାର୍ଡନ ଲିଡର ଅନୁଜ ଏବଂ ସହ-ପାଇଲଟ୍ ଫ୍ଲାଇଟ ଲେଫ୍ଟନାଣ୍ଟ ପୁର୍ବେଶ ଦୁର୍ଗାକର ଭାବେ । ଫ୍ଲାଇଟ୍ ଲେଫ୍ଟନାଣ୍ଟ ପୁର୍ବେଶ ଇଣ୍ଡିଆନ୍ ଏୟାର ଫୋର୍ସର ଫ୍ଲାଇଂ ନେଭିଗେଟର ଥିଲେ । ଏହି ଦୁର୍ଘଟଣା ସମ୍ବନ୍ଧରେ ଅଧିକାରୀଙ୍କ ସୂଚନା ଭାରତୀୟ ବାୟୁ ସେନା ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସ ମାଧ୍ୟମରେ ଦେଇଛି । ଦୁର୍ଘଟଣାସ୍ଥଳରୁ (ପୃଷ୍ଠା ୭ରେ)

## ବିକଶିତ ଓଡ଼ିଶା ଗଠନର ନୂତନ ଅଧ୍ୟାୟ

# ୩୨୭୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ



ଭୁବନେଶ୍ୱର, ୬।୩ : ନ୍ୟୁଜ୍ ବ୍ୟୁରୋ

ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ । ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ (ପୃଷ୍ଠା ୭ରେ)

## ପ୍ରକାଶ ପାଇଲା ୟୁପିଏସ୍‌ସି ଫଳାଫଳ : ଅନୁଜ ଅଗ୍ନିହୋତ୍ରୀ ଟପ୍ପର

ନୂଆଦିଲ୍ଲୀ, ୬।୩



ଜାତୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଶୁକ୍ରବାର ସିଭିଲ୍ ସର୍ଭିସେସ୍ ପରୀକ୍ଷା ୨୦୨୫ ପାଇଁ ଚୂଡ଼ାନ୍ତ ଫଳାଫଳ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି ।

ଆୟୋଗ ଦ୍ୱାରା ପ୍ରକାଶିତ ମେଧା ତାଲିକା ଅନୁସାରେ, ଅନୁଜ ଅଗ୍ନିହୋତ୍ରୀ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ସଫଳତା ପାଇଛନ୍ତି । ଏହି ଘୋଷଣା ନଅ ମାସ ପୂର୍ବରୁ ଆରମ୍ଭ ହୋଇଥିବା ଏକ ଲମ୍ବା ଏବଂ କଠୋର ଚୟନ ପ୍ରକ୍ରିୟାର ଅନ୍ତ ଘଟାଇଛି । (ପୃଷ୍ଠା ୭ରେ)



୫.୩.୨୦୨୬ ମୁମ୍ବାଇ ମେରାଇନ୍ ଡ୍ରାଇଭ'ର ରାତ୍ରିକାଳୀନ ଦୃଶ୍ୟ । ସମୁଦ୍ର ଏବଂ ଦିଗ୍‌ବଳୟକୁ ସୂକ୍ଷ୍ମ ସରଳରେଖାରେ ଦୁଇଭାଗ କରୁଥିବା କୃତ୍ରିମ ଆଲୋକରେଖା ପ୍ରକୃତିର ସୌନ୍ଦର୍ଯ୍ୟ ସାମନାରେ ଝାପସା ପଡିଯାଇଛି । (ଫଟୋ- ଡାକ୍ତର ଅୟନ ବୋଷ)

## ଏକାଳ ପଖାଳ



ସମଦୂରତ୍ୱ କଥା ନାହିଁ ଆଉ
ଏବେ ପୂରାପୂରି ଏକ
ଦେଖି ନାହିଁ ଯଦି ଦେଖ ଜନେ
କଇଁଛ କାଢ଼ିଛି ବେକ
ଇଏ ରାଜନୀତି ଛୁଙ୍କ
ଛିଙ୍କି ଛିଙ୍କି ସବୁ ବୁଝିବା ବେଳକୁ
ସଡସଡ ହୁଏ ନାକ ।

# ଯୁଦ୍ଧ ଯୋଗୁଁ ପେଟ୍ରୋଲ-ଡିଜେଲ ସଙ୍କଟ



ନୂଆଦିଲ୍ଲୀ, ୬।୩

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଏବେ ଖୋଲା ଯୁଦ୍ଧରେ ପରିଣତ ହୋଇଛି, ଆମେରିକା ଏବଂ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ଇରାନକୁ ଗଭୀର ଭାବରେ କ୍ଷତି ପହଞ୍ଚାଇଛି । ଇରାନ ସରକାରଙ୍କ ତଥ୍ୟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲର ବିମାନ ଆକ୍ରମଣରେ ଏପର୍ଯ୍ୟନ୍ତ ୧,୧୪୫ ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ସର୍ବୋଚ୍ଚ ନେତା ଅଲି ଖାମନେଇଙ୍କ ସମେତ ଅନେକ ଶୀର୍ଷ ମନ୍ତ୍ରୀ, ସାମରିକ କମାଣ୍ଡର ଏବଂ ସରକାରୀ ଅଧିକାରୀ ମଧ୍ୟ ସାମିଲ ଥିଲେ । ଏହି ସମୟରେ, ଇରାନର ପ୍ରତିଶୋଧମୂଳକ ଆକ୍ରମଣ ବିଶ୍ୱ ଅର୍ଥନୀତି ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି । ଯୁଦ୍ଧ ଯୋଗୁଁ ଭାରତ ସମେତ ଅନେକ ଦେଶ ଅଶୋଧିତ ତୈଳ ଅଭାବର ସମ୍ମୁଖୀନ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ପ୍ରତିକ୍ରିୟା ସ୍ୱରୂପ, ଇରାନ ବିଶ୍ୱର ୨୦ ପ୍ରତିଶତରୁ ଅଧିକ ତୈଳ ଯୋଗାଣ ବହନ କରୁଥିବା ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରିଛି । ଜଣେ ବରିଷ୍ଠ ଇରାନୀ ସାମରିକ କମାଣ୍ଡର ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ ଏହି ସମୁଦ୍ର ପଥ ଦେଇ ଯାଉଥିବା ଯେକୌଣସି ଜାହାଜକୁ ଟାର୍ଗେଟ କରାଯିବ । ଏହି (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ମାର୍ଚ୍ଚ ୨୦୨୬ ଶନିବାର





## ////////////// ରାଜ୍ୟସଭା ନିର୍ବାଚନ //////////////

# କଂଗ୍ରେସର ସମର୍ଥନ ସ୍ୱୀକାର କରିବାରେ ଅସୁବିଧା ନାହିଁ:ସଂତୃପ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡ଼ି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ପରେ କଟକ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ନେତା ଓ କର୍ମୀ ମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ସଂତୃପ୍ତ ମିଶ୍ର । ଏହି ଅବସରରେ ପ୍ରତିକ୍ରିୟା ଦେଇ ସଂତୃପ୍ତ କହିଛନ୍ତି ସେ ଓ ଡାକ୍ତର ଦତ୍ତେଶ୍ୱର ହୋତା ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ । ସେପଟେ ଦିଲ୍ଲୀପ ରାୟ ନିଜେ ଜିତିବା ନେଇ ଦେଇଥିବା ଦୃଢୋକ୍ତି ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବାକୁ ସଂତୃପ୍ତ ମନା କରିଦେଇଛନ୍ତି । ଚୌଦ୍ୱାର କଟକ ନେତା ପ୍ରଭାତ ବିଶ୍ୱାଳ ରାଜ୍ୟସଭା ପ୍ରାର୍ଥୀ ଭାବେ ସଂତୃପ୍ତଙ୍କୁ



ବିରୋଧ କରିଥିବା ସମ୍ପର୍କରେ ପ୍ରତିକ୍ରିୟା ରଖି ସଂତୃପ୍ତ କହିଛନ୍ତି, ସମ୍ପର୍କ ଖରାପ କରିବାରେ ମୁଁ ବିଶ୍ୱାସ କରେନାହିଁ । ଏବେବି ପ୍ରଭାତଙ୍କ ସହ ତାଙ୍କର ସମ୍ପର୍କ ଭଲ ରହିଛି ବୋଲି ସେ କହିଛନ୍ତି । ଅନ୍ୟପଟେ ରାଜ୍ୟସଭା ନିର୍ବାଚନ ପାଇଁ କଂଗ୍ରେସ ସମର୍ଥନ ସ୍ୱୀକାର କରିବା ସମ୍ପର୍କରେ ପ୍ରତିକ୍ରିୟା ରଖି ସଂତୃପ୍ତ କହିଛନ୍ତି, ଆଦର୍ଶଗତ ସାମଞ୍ଜସ୍ୟ କାରଣରୁ କଂଗ୍ରେସ ସମର୍ଥନ ଜଣାଇଛି । ବିଜେଡ଼ି ଓ କଂଗ୍ରେସ ଉଭୟ ଧର୍ମନିରପେକ୍ଷତା ଆଦର୍ଶରେ ବିଶ୍ୱାସ କରନ୍ତି । ତେଣୁ କଂଗ୍ରେସ ସମର୍ଥନ ସ୍ୱୀକାର କରିବାରେ ଅସୁବିଧାନାହିଁ ବୋଲି ସଂତୃପ୍ତ କହିଛନ୍ତି । ତେବେ ଆଗକୁ ଏ ଆଦର୍ଶଗତ ସାମଞ୍ଜସ୍ୟକୁ ନେଇ ଏବେଠୁ କିଛି କଳ୍ପନା ଜଳ୍ପନା କରିବା ଠିକ୍ ନୁହେଁ ବୋଲି କହିଛନ୍ତି ସଂତୃପ୍ତ । ଶୁକ୍ରବାର ଅପରାହ୍ନରେ କଟକରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସଂତୃପ୍ତ ମିଶ୍ର ଏହି ପ୍ରତିକ୍ରିୟା ରଖିଛନ୍ତି ।

# ସଶକ୍ତ ମହିଳା ସଶକ୍ତ ରାଷ୍ଟ୍ର ଗଠନ ନେଇ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ମାଇଁ ଭାରତ, ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ (କ୍ରୀଡା ବିଭାଗ) ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମାର୍ଚ୍ଚ ୬ ତାରିଖ ଠାରୁ ମାର୍ଚ୍ଚ ୮ ତାରିଖ ତିନିଦିନ ବ୍ୟାପି ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ମହିଳା ଦିବସ ପାଳନରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ରହିଛି "ସଶକ୍ତ ମହିଳା ସଶକ୍ତ ରାଷ୍ଟ୍ର" ଗଠନ। ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ରଘୁରାମ ଆର ଆୟର ପ୍ରକାଶ କରିଛନ୍ତି ଯେ, ମହିଳାମାନଙ୍କ ମଧ୍ୟରେ ଏହି ଦିବସ ଉପଲକ୍ଷେ କ୍ରୀଡା,




ଦୌଡ ଆଦି ଶାରୀରିକ ଦକ୍ଷତା ପ୍ରତିଯୋଗିତା ସହ ପୋଷଣ, ମାନସିକ ଶକ୍ତି ବୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତତ୍‌ସହିତ ସେମାନଙ୍କୁ ସ୍ୱସୁରକ୍ଷା ଓ ସାଇବର କ୍ରାଇମ୍ ସୁରକ୍ଷା ସମ୍ପର୍କରେ ସଚେତନ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ମଧ୍ୟ ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ମାର୍ଚ୍ଚ ୬ ଓ ୭ ତାରିଖରେ ଇଚ୍ଛାପୁର ନିକଟସ୍ଥ ଷ୍ଟାଡିୟମ୍‌ରେ ମହିଳାମାନଙ୍କ ନିମନ୍ତେ ଯୋଗାଭ୍ୟାସ, ଶାରୀରିକ ଓ ମାନସିକ ସାମର୍ଥ୍ୟ, ପୋଷଣ, ସ୍ୱସୁରକ୍ଷା ନିମନ୍ତେ ଜୁଡୋ, କରାଟେ, ବକ୍ସିଂ ଆଦି ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି। ୮ ତାରିଖରେ ଡେରାବିଶ ମିନି ଷ୍ଟାଡିୟମ୍‌ରେ ୧୩ ବର୍ଷରୁ କମ୍, ୧୩ରୁ ୧୮ବର୍ଷ ଓ ୧୮ ବର୍ଷରୁ ଅଧିକା ବିଭିନ୍ନ ବର୍ଗର ଯଥା ସ୍କୁଲ, କଲେଜ, ଏସ୍‌ଏଚ୍‌ଜି, କର୍ମଜୀବୀ, ପୋଲିସ ଆଦି ବିଭାଗର ବାଳିକା ଓ ମହିଳାମାନେ ମାରାଥନ, ଦୌଡ, କୌତୁକ ପ୍ରତିଯୋଗିତାରେ ଭାଗ ନେଇ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ। ଏହି ସମସ୍ତ କାର୍ଯ୍ୟକ୍ରମ ସକାଳ ୬.୩୦ ମିନିଟ୍ ଠାରୁ ୯.୩୦ ମିନିଟ୍ ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେସାରା ଭାରତରେ ୨୫୦ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ଆମ ରାଜ୍ୟରେ ୭ଟି ଜିଲ୍ଲାରେ ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ, ଡିପିସି (ମମତା) ମନୋରଞ୍ଜନ ଦାସ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

## ମଦ ଚାଲାଣ ବେଳେ ଚଢଉ:୩ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶି ଓ ବିଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୩ ଅଭିଯୁକ୍ତ ହେଲେ ସଲପିଆଗୁଡା ଗ୍ରାମର ରାମଚନ୍ଦ୍ର ଅମନାତ୍ୟ ଓ ଗୁରୁ ଅମନାତ୍ୟ, ସାନ ମୁଣ୍ଡାପଦର ଗ୍ରାମର ଦିନୁ ଖିସୋଲା । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ଖବରପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ସନପିଆଗୁଡା ଓ ସାନ ମୁଣ୍ଡାପଦର ଗ୍ରାମରେ ଚଢଉ କରାଯାଇଛି । ଚଢଉ କରି ୧୭ ଲିଟର ଦେଶି ମଦ ଓ ୮.୪୫ ଲିଟର ବିଦେଶି ମଦ ଜବତ କରିଛି । ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

## ସମ୍ବଲପୁର ପ୍ରେସ୍‌କ୍ଲବ ନିର୍ବାଚିତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ପ୍ରେସ୍ କ୍ଲବର ନବ ନିର୍ବାଚିତ କର୍ମକର୍ତ୍ତା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତା ଆଗାମୀ ଦୁଇ ବର୍ଷ ପାଇଁ ସଦସ୍ୟ ଏବଂ କ୍ଲବର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏହାସହ କ୍ଲବ ପରିସରରେ ସମ୍ବଲପୁର ପ୍ରେସ୍ କ୍ଲବ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପରିଚାଳନା କମିଟିରେ ଖାଲି ରହିଥିବା ଦୁଇଟି ସଦସ୍ୟ ପଦବୀ ପାଇଁ ବାଦଶାହ ଜୁସମନ କୁମାର ରଣା ଏବଂ ଶ୍ରବଣ ପତିଙ୍କୁ ସଦସ୍ୟ ଭାବେ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ଜିଲ୍ଲାର ଖବରଦାତାଙ୍କ ମଧ୍ୟରେ ସମନ୍ୱୟ ନିମନ୍ତେ ଆସନ୍ତା ମାର୍ଚ୍ଚ ୮ ତାରିଖରେ ସମ୍ବଲପୁର ପ୍ରେସ୍ କ୍ଲବ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଥିଲା । ଏହାସହ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଥିବାରୁ ଏହି ଅବସରରେ ସମ୍ବଲପୁର ମହିଳା ଖବରଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ସ୍ଥିର କରାଯାଇଥିଲା । ଏହାସହ ସହରରେ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବଲପୁର ପ୍ରେସ୍ କ୍ଲବ ପରିସରରେ ୨ ଶହ ସିଟ୍ ବିଶିଷ୍ଟ ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା ନେଇ ଆଲୋଚନା କରାଯାଇଥିଲା । ଏହାପରେ ନବ ନିର୍ବାଚିତ କର୍ମକର୍ତ୍ତା ସମ୍ବଲପୁର ଏସ୍‌ପିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନା କରିଥିଲେ । ବୈଠକରେ ଦୁଇ ଉପସଭାପତି ନରେଶ ଚନ୍ଦ୍ର ସେଠ, ବୀରାଜ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭବାନୀଶଙ୍କର ଭୋଇ, ଦୁଇ ଯୁଗ୍ମ ସମ୍ପାଦକ ଅମଲେନ୍ଦୁ ନାୟକ ଏବଂ ଅନିଲ ଶ୍ରୀରାମକା, କୋଷାଧ୍ୟକ୍ଷ ସୁବ୍ରତ କୁମାର ମିଶ୍ର, ସଦସ୍ୟ ଦେବେନ୍ଦ୍ର କୁମାର ମିଶ୍ର, ଜସବୀର ସିଂହ, ଶ୍ରବଣ କୁମାର ପତି ଏବଂ ବାଦସାହା ଜୁସମନ ରଣା ସାମିଲ ହୋଇଥିଲେ।

# ଅତିରିକ୍ତ ସୁରକ୍ଷା ଜମାରାଶି ଓ ସ୍ମାର୍ଟ ମିଟରକୁ କଂଗ୍ରେସର ବିରୋଧ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ଉପସ୍ଥିତିରେ ଅତିରିକ୍ତ ସୁରକ୍ଷା ଜମାରାଶି ଓ ସ୍ମାର୍ଟ ମିଟରକୁ ବିରୋଧ କରି ବ୍ଲକ କଂଗ୍ରେସ ତିର୍ତ୍ତୋଲ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ ଓ ପ୍ରତିବାଦ ସଭା କରିଥିଲା । ସରଣୀ ଛକ ଠାରୁ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଟାଟା ପାୱାର ଏବଂ ସରକାର ବିରୁଦ୍ଧରେ ନାରାବାଜି କରି ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ବ୍ଲକ କଂଗ୍ରେସ ସଭାପତି ସର୍ଫ ଆଜମ୍‌ଙ୍କ ସଭାପତିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ନାୟକ ଅତିରିକ୍ତ ସୁରକ୍ଷା ଜମାରାଶିକୁ ପ୍ରତ୍ୟାହାର ଏବଂ ସ୍ମାର୍ଟ ମିଟରର ବିଶ୍ୱସନୀୟତା



ପରୀକ୍ଷା ନହେବା ଯାଏ ସ୍ମାର୍ଟ ମିଟରକୁ ପ୍ରତ୍ୟାହାର କରିବା, ବିଦ୍ୟୁତ କାଟ୍ ଓ ଅନ୍ୟାନ୍ୟ ଆଞ୍ଚଳିକ ସମସ୍ୟା ସମ୍ବନ୍ଧରେ ଉପଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ତୁରନ୍ତ କଂଗ୍ରେସ ଦାବି କରିଥିବା ସମସ୍ୟା ଗୁଡିକର ସମାଧାନ କରାଯାଉ ନଚେତ୍ କଂଗ୍ରେସ ଦଳ ଆଗକୁ ଆନ୍ଦୋଳନ ତୀବ୍ରତର କରିବ ବୋଲି ଇଂ ମଲ୍ଲିକ ଚେତାବନୀ ଦେଇଛନ୍ତି । ଜିଲ୍ଲା କଂଗ୍ରେସ ଉପସଭାପତି ମହମ୍ମଦ ଅବଦୁଲ ୱାହିଦ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଶୁଭନାରାୟଣ ନାୟକ, ଧନଞ୍ଜୟ ସୂତାର, କାର୍ଯ୍ୟକାରୀ ସଦସ୍ୟ ଅକ୍ଷୟ ଦାଶ, ଜିତେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ସ୍ୱାଇଁ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ମଣିଜଗାଂ ସରପଞ୍ଚ ଶଶଧର ମଲ୍ଲିକ, ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ ନାୟକ, ମୂଳିସିଂ ସମିତିସଭ୍ୟ ରଞ୍ଜନ ସାହୁ, ଆମ୍ବେରି ସମିତିସଭ୍ୟ ଅରୁଣ ମଲ୍ଲିକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ପ୍ରଦୀପ୍ତ ଶତପଥୀ, ଲଲାଟ କେଶରୀ ମହାପାତ୍ର, ବ୍ରଜକିଶୋର ମଲ୍ଲିକ, ପ୍ରଶାନ୍ତ ଲେଙ୍କା, ଧ୍ରୁବଚରଣ ପରିଡା, ଚିତ୍ତରଞ୍ଜନ ଦାସ, ନିତ୍ୟାନନ୍ଦ ସାହୁ, ସୁଧାଂଶୁ ବେହେରା, ସୁଭାଶିଷ ସ୍ୱାଇଁ, ପ୍ରଭାତ ସ୍ୱାଇଁ, ବଂଶୀଧର ପାତ୍ର, ଧନଞ୍ଜୟ ପୃଷ୍ଟି, ଦୀପ୍ତିରଞ୍ଜନ ସ୍ୱାଇଁ, ମନୋରଞ୍ଜନ ପଟ୍ଟନାୟକ, ପ୍ରଗତି ପରିଜା, ଅଜୟ ବସ୍ତିଆ, ଅମିତାଭ ମହାନ୍ତି, ଗଗନ କୁମାର ମହାନ୍ତି, ସୌମ୍ୟରଞ୍ଜନ ସ୍ୱାଇଁ, ସୁରେଶ ଦାସ, ସନ୍ତୋଷ ଦାସ, ତ୍ରିଲୋଚନ ସାହୁ, ମନୋଜ ବେହେରା, ଜ୍ୟୋତି ରଞ୍ଜନ ମଲ୍ଲିକ, ନିର୍ମଳ ବାରକି, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ସୟଦ ସାୟକ ରସୁଲ, ସିଲୁ ମିଶ୍ର, ହିମାଂଶୁ ମାହାନ୍ତି, ତୃପ୍ତି ରଞ୍ଜନ ସୁତାରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ ।

# ଧରଣୀ ସାର୍ ଜଣେ ନୀତିନିଷ୍ଠ ବ୍ୟକ୍ତି ଥିଲେ:ଉଚ୍ଚ ଶିକ୍ଷା ମନ୍ତ୍ରୀ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସରପଞ୍ଚ ଅଶୋକ କୁମାର ପଣ୍ଡାଙ୍କ ପିତା ଧରଣୀଧର ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ସ୍ମୃତି ଚାରଣ ସଭା ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଧରମ ପଡିଆରେ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ଭୋଳାନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି ସଭା ସଞ୍ଚାଳନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଧରଣୀ ସାର ଜଣେ ଭଲ ଶିକ୍ଷକ ଥିଲେ। ସେ କେବେବି ନୀତି ନିୟମରୁ ବାହାରକୁ ଯାଇନାହାନ୍ତି। ସେ ସଂସ୍କାରକୁ ବି ଯଗୁଥିଲେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ପୂର୍ବତନ ଅଧକ୍ଷ ଅଶୋକ ନାୟକ ଓ ବିନୋଦ ନାୟକ, ଅଧ୍ୟାପକ ବିଜୟ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ ଓ ନଗର ପ୍ରତିନିଧି କୈଳାଶ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସୁତାର, ଆଇନଜୀବୀ ଦେବାଶିଷ ସାମଲ, ହୃଦାନନ୍ଦ କର, ରଣଜିତ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚତୁର୍ଭୁଜ ନାୟକ, ସୁଶାନ୍ତ କୁମାର ରାଉତ, କବି ରସାନନ୍ଦ ମହାପାତ୍ର, ସାମ୍ବାଦିକ ବାସୁଦେବ ତ୍ରିପାଠୀ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ଦୀପ୍ତିରଞ୍ଜନ ଜେନା, ଅମରେନ୍ଦ୍ର ମହାନ୍ତି, ଅଶୋକ ଦାସ, ରାମଚନ୍ଦ୍ର ମିଶ୍ର, ପ୍ରମୋଦ ନାୟକ, ସୁରେନ୍ଦ୍ର ସେଠୀ, ମନୋଜ ସିଂ, ଯୁଧିଷ୍ଠିର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ତଥା ସରପଞ୍ଚ ଅଶୋକ କୁମାର ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ।




## ଶକ୍ତି ସ୍ୱରୂପିଣୀ ମହିଳାଙ୍କ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ଉପଲକ୍ଷେ ହେବାକୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଯାଜପୁର, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ମାଇ ଭାରତ, ଯାଜପୁର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଇନ୍‌ଡୋର୍ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଛି। ମାର୍ଚ୍ଚ ୮ ତାରିଖ ମହିଳା ଦିବସ ଉପଲକ୍ଷେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ବିଭାଗ, ଜିଲ୍ଲା ପ୍ରଶାସନ ଓ ମାଇ ଭାରତ ପକ୍ଷରୁ ଦେଶ ବ୍ୟାପୀ ସାମୂହିକ କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ପରାପ୍ରେକ୍ଷୀରେ ମାର୍ଚ୍ଚ ୬ରେ ଶକ୍ତି ସ୍ୱରୂପିଣୀ, ମାର୍ଚ୍ଚ ୭ରେ ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର, ମାର୍ଚ୍ଚ ୮ରେ ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି ଥିମ୍‌କୁ ନେଇ ତିନି ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶକ୍ତି ସ୍ୱରୂପିଣୀରେ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇ ସାମୂହିକ ଯୋଗ ଶିବିର, ଜୁମ୍ବା, ଏରୋବିକ୍ସ, ପାରମ୍ପରିକ କ୍ରୀଡା, ପାରମ୍ପରିକ ନୃତ୍ୟ ଆୟୋଜନ ହେବ। ଦ୍ୱିତୀୟ ଦିବସରେ ଉତ୍ତମ ସ୍ୱାସ୍ଥ୍ୟ, ଜୁଡୋ, କରାଟେ, ବକ୍ସିଂ ଭଳି ଆତ୍ମରକ୍ଷା କୌଶଳ ତାଲିମ୍ ଦିଆଯିବ। ସେହିଭଳି ତୃତୀୟ ଦିବସରେ ୫ କିମି ଦୂରତାର ଏକ ପାୱାର୍ ୱାକ୍ ବା ମାରାଥନ ହେବ। ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ ଯୋଜନା ଅନ୍ତର୍ଗତ 'ଅସ୍ମିତା' ପଦକ୍ଷେପ ଅଧୀନରେ ଏସବୁ କାର୍ଯ୍ୟକ୍ରମ ଆୟୋଜିତ ହେବ। କ୍ରୀଡା ଏବଂ ସୁସ୍ଥ ଶରୀର ଗଠନ ଦିଗରେ ମହିଳାଙ୍କ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ହେଉଛି ଅସ୍ମିତା ପଦକ୍ଷେପର ଉଦ୍ଦେଶ୍ୟ। ଏଥିରେ ବିଭିନ୍ନ ବୟସ ବର୍ଗରେ ଦୌଡ଼ ପ୍ରତିଯୋଗିତା ଆୟୋଜନ କରାଯିବ। ଜିଲ୍ଲା ଯୁଥ୍ ଅଧିକାରୀ ଏହି କାର୍ଯ୍ୟକ୍ରମର ପରିଚାଳନା କରିବେ। ଜିଲ୍ଲା ଯୁଥ୍ ଅଧିକାରୀ ବାସୁଦେବ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଲା ଦନ୍ତାହାତୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଗଲା ଦନ୍ତାହାତୀ । ୬ ଘଣ୍ଟାର କଷ୍ଟସାଧ୍ୟ ଅପରେସନ୍ ପରେ କୂଅରୁ ହାତୀ ଉଦ୍ଧାର ହୋଇଛି । ପ୍ରକାଶ ଯେ, କେନ୍ଦୁଝର ସଦର ରେଞ୍ଜ ବନାଯୋଡ଼ି ଗାଁର ଏକ କୂଅରେ ଖାଦ୍ୟ ପାଇଁ ଆସି ପଡ଼ିଯାଇଥିଲା ହାତୀ । ବିଳମ୍ବିତ ରାତିରେ ୩ଟି ଦନ୍ତାହାତୀ ବନାଯୋଡ଼ି ଗାଁ ଆଡେ ଆସିଥିବା ବେଳେ, ଗାଁର ହୃଷି ନାଏକଙ୍କ କୂଅରେ ଗୋଟିଏ ଦନ୍ତାହାତୀ ଖସି ପଡ଼ିଥିଲା । ହାତୀ ପଡ଼ିଯିବା ପରେ ଗର୍ଜନ କରିବାରୁ ହୃଷି ବନ କର୍ମଚାରୀଙ୍କୁ ଖବରଦେଇଥିଲେ। ବନ କର୍ମଚାରୀ ଖବରପାଇ ହାତୀଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏକ ଜେସିବି ମେସିନ୍ ସାହାଯ୍ୟରେ କୂଅକୁ ତାଡ଼ି ଏକ ରାସ୍ତା ତିଆରି କରିଥିଲେ । କୂଅଟି ଗଭୀର ଥିବାରୁ ୧୦ ଫୁଟ୍ ଗାତ କରି ପ୍ରଥମେ ସେଠାରେ ଏକ ରାସ୍ତା ତିଆରି କରି ଦମକଳ ବାହିନୀ ସହାୟତାରେ ୮୦ ମିଟର ଦୂରରୁ ପାଣି ଆଣି କୂଅରେ ଭର୍ତ୍ତି କରାଯାଇଥିଲା । ପାଣି ଭର୍ତ୍ତି ହେବା ପରେ ହାତୀଟି କୂଅରୁ ବାହାରି ଜଙ୍ଗଲ ମୁହାଁ ହୋଇଥିଲା । ଯିବା ବାଟରେ ଉତ୍ତ୍ୟକ୍ତ ହାତୀ ଗୋଟିଏ ବାଇକ୍ ଭାଙ୍ଗି ଦେଇଥିଲା। ଏହି ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ସହ ଅନ୍ୟ ଜଣେ ପଡ଼ି ଆହତ ହୋଇଛନ୍ତି । ସେମାନଙ୍କୁ ବନ ବିଭାଗ ଦ୍ୱାରା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଉଦ୍ଧାର ହାତୀ ଏବେ ଉତ୍ତ୍ୟକ୍ତ ଥିବାରୁ, ତା'ର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି । ଏହି ଆକ୍ରମଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀମାନେ କ୍ଷତିପୂରଣ ଦାବି କରିଥିଲେ। କୂଅର ମାଲିକ ଏବଂ ଅନ୍ୟମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ ।

## ସରକାରୀଜାଗାରେ ପଞ୍ଚାୟତ ଫ୍ୟାସିଲିଟିକେନ୍ଦ୍ର ନିର୍ମାଣକରିବାକୁ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ୍ ତହସିଲ୍ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତରେ ଥିବା ୯୦ ଡିସିମିଲ୍ ସରକାରୀ ଜାଗାକୁ ସ୍ଥାନୀୟ ପ୍ରଭାବଶାଳୀ ଲୋକ ଜୋର୍‌ଜବରଦସ୍ତ ନିଜ କବ୍‌ଜାରେ ରଖିଛନ୍ତି। ଏହି ପଞ୍ଚାୟତରେ ପଞ୍ଚାୟତ ଫ୍ୟାସିଲିଟି କେନ୍ଦ୍ର (ପଞ୍ଚାୟତ ସୁବିଧା କେନ୍ଦ୍ର) ନଥିବାରୁ ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଭାବଶାଳୀଙ୍କ କବ୍‌ଜାରୁ ଜମିକୁ ଉଦ୍ଧାର କରି ୧୦ ଡିସିମିଲ୍ ଜାଗାରେ ପଞ୍ଚାୟତ ଫ୍ୟାସିଲିଟି କେନ୍ଦ୍ର ନିର୍ମାଣ କରିବା ପାଇଁ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳ ଅରୁଣକୁମାର ନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ସେଠାରେ ପଞ୍ଚାୟତ ଫ୍ୟାସିଲିଟି କେନ୍ଦ୍ର ନିର୍ମାଣ କରିବା ପାଇଁ ଗ୍ରାମର ଗଙ୍ଗାଧର ମଲ୍ଲିକ, ଭରତ ଚନ୍ଦ୍ର ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ରବିନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ମଲ୍ଲିକ, ତପନ ମଲ୍ଲିକ, ନଳିନୀକାନ୍ତ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।



## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଳିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଜୁ ପଟ୍ଟନାୟକ ସଂଗ୍ରହାଳୟ (ଆନନ୍ଦ ଭବନ) ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସଂଗ୍ରହାଳୟ ପରିସରରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ । ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଯୋବ୍ରା ଆନିକଟ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୭।୦୩।୨୦୨୬, ଫାଲ୍‌ଗୁନ ଦି୨୩ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୬।୦୩।୫୪ ଚନ୍ଦ୍ରୋଦୟ- ରାଘ ୯।୨୨।୧୭**
**ଚତୁର୍ଥୀ-** ସଂଘ ୭।୧୯ ପର୍ଯ୍ୟନ୍ତ, ଚିତ୍ରା ନକ୍ଷତ୍ର ଦିଘ ୧୧।୧୮ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର । **ଘାତ ଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ସଂଘ ୭।୧୯ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୦ ଗତେ ଦିଘ ୧।୧୧ ମଧ୍ୟେ ।



**ମେଷ:** ସୁଖକର ଘଟଣା ଘଟିପାରେ। କର୍ମକ୍ଷେତ୍ରରେ ସଫଳତା ମିଳିବ। ଉତ୍ତମ ଭୋଜନପ୍ରାପ୍ତ ହେବ। ଅନ୍ୟମନସ୍କ ରହିବାର ସୂଚନା। ଗୃହେ ଶାନ୍ତି ଲାଭ ହେବ। ବନ୍ଧୁ ଦର୍ଶନ ସହିତ ସହଯୋଗ ପ୍ରାପ୍ତ ହେବ ।



**ବୃଷ:** ଶତ୍ରୁ ମାନଙ୍କ ଠାରୁ ପରାସ୍ତ ହେବେ। ମାନସିକ ଶାନ୍ତି ପ୍ରାପ୍ତ ହେବ। ସୁସମ୍ବାଦ ପାଇବେ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟସ୍ତତା ମଧ୍ୟରେ ଦିନଟି କଟିବ। ଠକାମୀର ଶିକାର ହୋଇପାରନ୍ତି। ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ରୋଜଗାର ମଧ୍ୟମ ଧରଣର ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ। ପାରିବାରିକ କଳହ ଜାତ ହେବ। ନିଜର ସାଧନା ବଳରେ ସିଦ୍ଧି ଲାଭ କରିବେ ।



**କର୍କଟ:** କାର୍ଯ୍ୟ କ୍ଷେତ୍ରରେ ବିଳମ୍ବ ପାଇଁ ବିରକ୍ତି ପ୍ରକାଶ ପାଇବ। ଅସହଯୋଗ ବୃଦ୍ଧି ହେବ। ଆୟ ଓ ବ୍ୟୟ ସମାନ ରହିବ। ବନ୍ଧୁ ବାନ୍ଧବ ବା କୁଟୁମ୍ବେ କଳହ ସୃଷ୍ଟି ହେବ। ଅଶାନ୍ତିର ସୂତ୍ରପାତ ଘଟିବ। ମନ ଅସ୍ଥିର ରହିବ ।



**ସିଂହ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଦେବ ଦର୍ଶନର ସୁଯୋଗ ରହିଛି। ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଅତି ଉତ୍ତମ। ଦୂରଯାତ୍ରାରୁ କର୍ମପ୍ରାପ୍ତି। ବନ୍ଧୁ ବା ସହକର୍ମୀଙ୍କ ସହଯୋଗ ଲାଭ କରିବେ ।



**କନ୍ୟା:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମନରେ ଅଶାନ୍ତି ଲାଗି ରହିବ। ଆୟରେ ବାଧା ଆସିପାରେ। ନିଜର ସ୍ୱାଧୀନତା ରହିବନାହିଁ। ଗୃହେ ଶାନ୍ତି ଲାଭ ।



**ତୁଳା:** ପଦସ୍ଥ କର୍ମକର୍ତ୍ତା ବା ଗୁରୁଜନଙ୍କ ଦ୍ୱାରା ପ୍ରଶଂସାପ୍ରାପ୍ତ ହେବେ। ନୂତନ କାର୍ଯ୍ୟ ପ୍ରାପ୍ତ ହେବ। ଗୃହରେ ଜଞ୍ଜାଳ ବଢ଼ିବ। ସୁଖ ସମ୍ମାନ ଲାଭ କରିବେ। ଆୟର ପରିମାଣ ପୂର୍ବପରି ରହିବାର ସୂଚନା ।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଯେଉଁ କାର୍ଯ୍ୟରେ ହାତ ଦେବେ ତାହା ସଫଳ ହେବ। ବିନା ପରିଶ୍ରମରେ ଆୟ ବୃଦ୍ଧି ହେବ। ଦେହ ସୁସ୍ଥ ରହିବ। ମନରେ ଅହଂକାର ଜାତ ହେବାର ସୂଚନା ।



**ଧନୁ:** ଶୁଭ ଖବର ପ୍ରାପ୍ତ ହେବ। ଗୁରୁଜନଙ୍କ ସହଯୋଗ ପ୍ରାପ୍ତ ହେବ। ଦୂର ସ୍ଥାନକୁ ଯାତ୍ରା କରି ଆନନ୍ଦ ଲାଭ କରିବେ। ରୋଜଗାର ମଧ୍ୟମ ହେବ। ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରୁ ଆନନ୍ଦ ଅନୁଭବ କରିବେ। ଗୃହେ ଆନନ୍ଦ।



**ମକର:** କର୍ମକ୍ଷେତ୍ରରେ ସଫଳତା ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ବିବାଦୀୟ କ୍ଷେତ୍ରରେ ବିଜୟ ଲାଭ କରିବେ। ସୁଖ ଓ ସମ୍ମାନ ଲାଭ କରିବେ। ପାରିବାରିକ ଶାନ୍ତି ବଜାୟ ରହିବ। ଦେହ ଭଲ ରହିବ ।



**କୁମ୍ଭ:** ପ୍ରତ୍ୟେକ କାର୍ଯ୍ୟ ଆପଣଙ୍କର ସଫଳ ହେବ। ଅଧିକ କ୍ଷମତା ହାତକୁ ଆସିବ। ଆଜି ଆପଣଙ୍କର ବିଜୟ ଯୋଗ ରହିଛି। ମନରେ ଭକ୍ତିଭାବ ଜାତ ହେବ। ରୋଜଗାର ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଭଲ ରହିବ। ମନରେ ଅଶାନ୍ତି ଜାତ ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରୁ ସହଯୋଗ ପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ଅବନତି ଯୋଗ। ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୮।୦୩।୨୦୨୬, ଫାଲ୍‌ଗୁନ ଦି୨୪ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୬।୦୩।୦୬ ଚନ୍ଦ୍ରୋଦୟ- ରାଘ ୧୦।୧୫।୨୮**
**ପଞ୍ଚମୀ-** ରାଘ ୯।୧୩ ପର୍ଯ୍ୟନ୍ତ, ସ୍ୱାତୀ ନକ୍ଷତ୍ର ଦିଘ ୧।୩୪ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର । **ଘାତ ଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ରାଘ ୯।୧୩ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୦୬ ଗତେ ଦିଘ ୯।୫୮ ମଧ୍ୟେ । ଦିଘ ୧।୨୭ ଗତେ ଦିଘ ୧।୫୬ ମଧ୍ୟେ। **ପର୍ବୋତ୍ସବ-** ବିଶ୍ୱ ମହିଳା ଦିବସ ।

32 YEARS
ସମ୍ବାଦ କଳିକା

# ଭାରତ କିଣିପାରିବ ଋଷ୍ ତେଲ-ଆମେରିକା

ଯୁଦ୍ଧ ଆରମ୍ଭ ହେଲା ପରେ ଭାରତର ଗଚ୍ଛିତ ତୈଳକୁ ନେଇ ଆଶା ଏବଂ ଆଶଙ୍କା ଦେଖାଦେଇଥିଲା । ଦେଶରେ ମାତ୍ର ୫୬ ଦିନର ଅଶୋଧିତ ଏବଂ ଶୁଦ୍ଧ ତୈଳ ଥିବା ନେଇ ଜଣା ପଡିଥିଲା । ଯାହା ପରେ ଚିନ୍ତା ବଢିଥିଲା । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଥମିବାର ନାଁ ନେଉନାହିଁ । ଦିନକୁ ଦିନ ଉଗ୍ର ହେଉଛି ଇରାନ ଏବଂ ଇସ୍ରାଏଲ-ଆମେରିକା ଲଢେଇ । ଇସ୍ରାଏଲ ଏବଂ ଆମେରିକାର ମିଳିତ ଆକ୍ରମଣ ପରେ ଇରାନ ରକ୍ତମୁଖା ହୋଇଛି । ପ୍ରତିଶୋଧ ନେଇ ଇସ୍ରାଏଲ ଏବଂ ଆମେରିକା ଉପରେ ଆକ୍ରମଣ କରୁଛି ଇରାନ। ଯୁଦ୍ଧର ପ୍ରଭାବ ବୈଶ୍ୱିକ ଅର୍ଥନୀତି ଉପରେ ପଡିଛି । ଷ୍ଟ୍ରେଟ୍ ଅଫ୍ ହୋର୍ ବନ୍ଦ ଥିବାରୁ ବିଭିନ୍ନ ଦେଶକୁ ତୈଳ ପରିବହନ ହୋଇପାରୁ ନାହିଁ । ଏପରିକି ଗଲ୍ଫ ଦେଶରେ ଯୁଦ୍ଧର ମାହୋଲ ଥିବାରୁ ବିଭିନ୍ନ ତୈଳ ରିଫାଇନରୀ ବନ୍ଦ ରହିଛି । ଏହାରି ଭିତରେ ଭାରତକୁ ବଡ ରିହାତି ଦେଇଛି ଆମେରିକା । ଋଷ ତୈଳ କିଣିବା ପାଇଁ ଆମେରିକା ପ୍ରଶାସନ ଭାରତକୁ କହିଛି । ଇରାନ ଯୁଦ୍ଧ ଯୋଗୁଁ ହୋଇଥିବା ତୈଳ ସଂକଟ ମଧ୍ୟରେ ଆମେରିକା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ରୁଷରୁ ୩୦ ଦିନ ପାଇଁ ଭାରତକୁ ତେଲ ବିକ୍ରି କରିବାକୁ ଅସ୍ଥାୟୀ ଛାଡ ପ୍ରଦାନ କରିଛି । ଏହା ମାସ ମାସ ଧରି ସମୁଦ୍ରରେ ଫସି ରହିଥିବା ରୁଷୀୟ ତୈଳ ଜାହଜ ଏବଂ ଭାରକୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରିବ । ଇରାନ ଯୁଦ୍ଧ ମଧ୍ୟରେ ବିଶ୍ୱ ତୈଳ ବଜାର ଉପରେ ଚାପ କମ କରିବାକୁ ଆମେରିକା ଭାରତକୁ ଫସି ରହିଥିବା ରୁଷୀୟ ତୈଳ ବିକ୍ରୟ କରିବାକୁ ଅନୁମତି ଦେଇଥିବା ରିପୋର୍ଟ ମିଳିଛି । ଏହା ଏକ ଅସ୍ଥାୟୀ ୩୦ ଦିନର ଛାଡ ରହିଛି । ରିପୋର୍ଟ ଅନୁସାରେ, ଯୁଦ୍ଧ ଆରମ୍ଭ ହେବା ପରେ ଭାରତର ଗଚ୍ଛିତ ତୈଳକୁ ନେଇ ଆଶା ଏବଂ ଆଶଙ୍କା ଦେଖାଦେଇଥିଲା । ଦେଶରେ ମାତ୍ର ୫୬ ଦିନର ଅଶୋଧିତ ଏବଂ ଶୁଦ୍ଧ ତୈଳ ଥିବା ନେଇ ଜଣା ପଡିଥିଲା । ଯାହା ପରେ ଚିନ୍ତା ବଢିଥିଲା । ଯୁଦ୍ଧ ପାଇଁ ପେଟ୍ରୋଲ-ଡିଜେଲ ଆମଦାନୀ ପ୍ରଭାବିତ ହୋଇଥିଲା । ଏବେ ଭାରତ ଋଷଠୁ ୩୦ ଦିନ ଯାଏଁ ତୈଳ ଆମଦାନୀ କରିପାରିବ । ଫଳରେ ସମୁଦ୍ରରେ ଅଟକିଥିବା ଅନେକ ଋଷ ତୈଳ ଜାହାଜଙ୍କୁ ଆଶ୍ୱସ୍ତି ମିଳିବ । କୁହାଯାଉଛି ଯେ, ଆମେରିକା-ଇରାନ ଯୁଦ୍ଧରେ ବୈଶ୍ୱିକ ବଜାରରେ ଚାପ ସୃଷ୍ଟି ହେଉଛି । ଏହି ଚାପ କମ୍ କରିବାକୁ ସମୁଦ୍ରରେ ଅଟକି ଥିବା ଶହ ଶହ ଋଷ ତୈଳ ଜାହାଜ ଭାରତକୁ ତୈଳ ବିକ୍ରି କରିପାରିବେ । ୩୦ ଦିନ ପାଇଁ ଏହି ଆଶ୍ୱସ୍ତି ପ୍ରଦାନ କରାଯାଇଛି । ରୟଟର୍ସ ଅନୁସାରେ ଆମେରିକାର ଦୁଇ ଜଣ ବରିଷ୍ଠ ଅଧିକାରୀ ଋଷ ଉପରେ ଲାଗିଥିବା କଟକଣାକୁ ସାମୟିକ ସମୟ ପାଇଁ ହଟାଇ ଦେଇଛନ୍ତି । ସମୁଦ୍ରରେ ଫସିଥିବା ଋଷ ତୈଳ ସିପମେଣ୍ଟ୍ ଆଗକୁ ବଢିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ରିପୋର୍ଟ କରାଯାଇଥିଲା ଯେ ଭାରତୀୟ ରାଷ୍ଟ୍ରାୟତ୍ତ ତୈଳ ବିଶୋଧନାଗାରଗୁଡ଼ିକ ବ୍ୟବସାୟୀମାନଙ୍କଠାରୁ ପ୍ରାୟ ୨୦ ନିୟୁତ ବ୍ୟାରେଲ ରୁଷୀୟ ତୈଳ କିଣି ସାରିଛନ୍ତି। ସୂଚନାଯୋଗ୍ୟ, ଋଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେଲା ପରେ ବିଭିନ୍ନ ଦେଶକୁ ଋଷଠୁ ତେଲ ନ କିଣିବାକୁ କହିଥିଲା । ଏହାସହ କଟକଣା ମଧ୍ୟ ଲଗାଇଥିଲା । କିନ୍ତୁ ଭାରତ ଋଷଠୁ ତୈଳ କିଣିବା ଜାରି ରଖିଥିଲା । ତେଲ କାହାଠୁ କିଣା ହେବ ଏହା ଭାରତର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ନୂଆଦିଲ୍ଲୀ ସଙ୍କେତ ଦେଇଥିଲା ।

# ଦେଶପ୍ରେମୀ ମଶା

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଅନେକେ କହନ୍ତି ଏ ଦେଶର ମଶାମାନଙ୍କର ବୁଦ୍ଧିଶୁଦ୍ଧି କିଛି ନାହିଁ । ପୁରା ଗଧ । ଆବେ ଉଡ଼ି ଶିଖିଛ, ଫରେନ ଚାଲି ଯା । ତମର ତ ଟିକଟ, ଭିସା କିଛି ଲାଗୁନି । ଆମେ ଯଦି ଉଡ଼ି ଶିଖିଥାନ୍ତୁ, ତେବେ ଆମେ କଣ ଆଉ ଏ ଦେଶରେ ରହନ୍ତୁ - ଫରେନ ଚାଲି ଯାଆନ୍ତୁ । ଆମ ଦେଶର ହାରାହାରି ୨୫ ଲକ୍ଷ ଲୋକ ପ୍ରତିବର୍ଷ ବିଦେଶକୁ ସ୍ଥାୟୀ ଭାବେ ଚାଲି ଯାଉଛନ୍ତି ।

କିନ୍ତୁ ଭାରତର ମଶା କୁଆଡ଼େ ଯାଉନାହିଁ । କାରଣ ଭାରତର ମଶା ହେଲା ସଚ୍ଚା ଦେଶପ୍ରେମୀ । ସେ ଉଡ଼ିପାରେ, ଚାହିଁଲେ ବିଦେଶକୁ ଉଡ଼ି ଚାଲିଯାଇପାରେ । ଟିକଟ ଭିସା କିଛି ଦରକାର ନାହିଁ । ତଥାପି ଯାଉନି । ଦେଶରେ ରହୁଛି, ଦେଶ ଲୋକଙ୍କୁ କାମୁଡୁଛି । ଦେଶର ଲୋକଙ୍କ ରକ୍ତ ପିଉଛି । ଦେଶ ଲୋକଙ୍କୁ ମ୍ୟାଲେରିଆ, ଡେଙ୍ଗୁ ବାଣ୍ଟୁଛି । ଗୋଟେ କଥା ଲକ୍ଷ୍ୟ କରିଛନ୍ତି - ମଶା ଫୁଲ୍ ଧର୍ମ ଜାତି ଏବଂ ଲିଙ୍ଗ ନିରପେକ୍ଷ। କାହାକୁ କାମୁଡ଼ିଲାବେଳେ ବା ରକ୍ତ ପିଇବାବେଳେ ସେ ଲୋକର ଧର୍ମ ଜାତି ଦେଖେ ନାହିଁ । ପୁରୁଷ, ନାରୀ ମଧ୍ୟରେ ପ୍ରଭେଦ ବି ଦେଖେନି। ରକ୍ତ ଶୋଷିବା ପୂର୍ବରୁ ସେ ପୁଣି କାନ ପାଖରେ ବୁଲି ବୁଲି ଗୀତ ଶୁଣାଏ । ତା ଗୀତ ଶୁଣି ଅନେକେ ତାଳି ବି ବଜାନ୍ତି ।

ତେବେ ହଁ, ତାର କିଛି ନିଜସ୍ୱ ପସନ୍ଦ ନାପସନ୍ଦ ଅଛି । ଯେମିତି ସେ ଗଡ଼ପଡ଼ତାରେ ଦେଖିଲେ ଗୋରା ଲୋକଙ୍କୁ କାମୁଡ଼ିବାକୁ ବେଶୀ ଭଲ ପାଏ । ଏଥିରୁ ଜଣା ପଡ଼େ ଭାରତର ମଶାକୂଳ କେତେ ଦେଶପ୍ରେମୀ । ବ୍ରିଟିଶ ରାଜତ୍ୱ ବେଳୁ ସେମାନଙ୍କର ଏ ଅଭ୍ୟାସ ରହିଛି । ମଶା କେତେକ ନର୍ଦ୍ଦିଷ୍ଟ ରକ୍ତ ପିଇବାକୁ ଭଲପାଏ । ରକ୍ତର କେଉଁ ଫ୍ଲେବରଟା ତାକୁ ଭଲ ଲାଗିବ - ସେ ତ ତାର ଚଏସ। ମଶା ବୋଲି କଣ ତାର କିଛି ନିଜସ୍ୱ ପସନ୍ଦ ନାପସନ୍ଦ ରହିବନି ! ଏମିତି ଯେ ଦେଶପ୍ରେମୀ ମଶା - ତାକୁ ବି କିଛି ଲୋକ ସହି ପାରନ୍ତି ନାହିଁ । ତା ବଂଶ ଲୋପ କରିବା ପାଇଁ ନାନା ଫନ୍ଦି ଫିକର କରନ୍ତି । ନାଳନର୍ଦ୍ଦମା - ଯେଉଁଠି ମଶାମାନେ ବଂଶ ବୃଦ୍ଧି କରନ୍ତି ସେଠି ନାନା ପ୍ରକାର ତେଲ ଢାଳି ଧୂଁଆ ଦେଇ ସେମାନଙ୍କୁ ମାରି ଦେବା ପାଇଁ ଚାହାନ୍ତି । କିନ୍ତୁ ସଂସାରରେ କିଛି ଭଲ ଲୋକବି ଅଛନ୍ତି, ସେମାନେ ମଶା ତେଲରେ ପାଣି ମିଶେଇ ଦିଅନ୍ତି, ଧୂଁଆ ମେସିନ ଅକାମି କରି ଦିଅନ୍ତି । ମଶା ବଂଶ ବଂଚି ରହେ । କିଛି ଲୋକ ଘର ଭିତରେ ମଶା ଧୂପ ଜାଳି ଶୋଉଚନ୍ତି । ଭାବୁଛନ୍ତି ଯେ ସେଥିରେ ମଶା ମରିଯିବେ । ସେମାନଙ୍କ ଭାବନା ଯେ କେତେ ଭୁଲ ତାହା ସେମାନେ ନିଜେ ଜାଣନ୍ତି ନାହିଁ । ଠାକୁର ମୂର୍ତ୍ତି ଆଗରେ ଅଗରବତୀ ଜାଳିଦେଲେ କଣ ଠାକୁର ତମ ମନଲାଖି ବର ଦେଇ ଦିଅନ୍ତି ! କ୍ରମାଗତ ବ୍ୟବହାର ଫଳରେ ମଶା ଧୂପର ଧୂଆଁଟା ମଶାମାନଙ୍କ ପାଇଁ ସିଗାରେଟ ଧୂଆଁ ଭଳିଆ ହେଲାଣି । କିଛି ମଶା ସେଥିରେ ଏମିତି ଅଭ୍ୟସ୍ଥ ହେଲେଣି ଯେ ମଶା ସମାଜରେ ଏହାକୁ ନେଇ ଭାବନା ହେଲାଣି । ଏ କାହାଣୀରେ ବର୍ଣ୍ଣିତ ମଶା ଭଳି ଆମ ଦେଶରେ ଅନେକ ଦେଶପ୍ରେମୀ ମଣିଷ ଅଛନ୍ତି। ସେମାନଙ୍କ ପର ନାହିଁ ସିନା, ହେଲେ ସେମାନେ ଚାହିଁଲେ ଖୁସିରେ ବିଦେଶକୁ ଚାଲିଯାଇପାରନ୍ତି। କେତେକେ ନିଜ ପିଲାମାନଙ୍କୁ ବିଦେଶ ପଠେଇ ଦେଉଛନ୍ତି । କିନ୍ତୁ ସେମାନେ ଦେଶରେ ରହୁଛନ୍ତି, ଦେଶର ଲୋକଙ୍କ ରକ୍ତ ପିଉଛନ୍ତି । ଦେଶ ଲୋକଙ୍କ ଭିତରେ ଘୃଣା, ବିଭେଦ, ହିଂସାର ଜୀବାଣୁ ବାଣ୍ଟୁଛନ୍ତି । ସେମାନେ ନିଜ ପିଲାମାନଙ୍କୁ ବି ଏ କାମ ଶିଖେଇ ଦେଉଛନ୍ତି । ତାଙ୍କ ପିଲାମାନେ ବଡ଼ ହୋଇ ଲୋକଙ୍କ ଭିତରେ ଘୃଣା, ବିଭେଦ, ହିଂସାର ଜୀବାଣୁ ବାଣ୍ଟୁଛନ୍ତି ।

# ସାହିତ୍ୟ ସାରଥି - ଗୌରୀଶଙ୍କର



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

ଓଡ଼ିଆ ଜାତି ଦାରୁଣ ଶଙ୍କଟର ସମ୍ମୁଖୀନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ଶଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରୀଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ ମସିହା ଜୁଲାଇ ୧୩ ତାରିଖ ଆଷାଢ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ପୂର୍ବ ପୁରୁଷ ମାନେ ଷୋଡଶ ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ। ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ। ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରୀଶଙ୍କର ରଖାଯାଇଥିଲା।

ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ର୍ଫାସୀକୁ ଗୁରୁ ମକ୍ତବର ଅଖୁନଜୀଙ୍କ ଠାରୁ ଶିକ୍ଷା କରିଥିଲେ। ରେଭେନ୍‌ସା କଲିଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାସ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରି ବୃତ୍ତି ପାଇ ଉଚ୍ଚ ଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ। ବାପାଙ୍କ ଆଦେଶରେ ଗୌରୀଶଙ୍କର ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ। ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ। ୧୮୫୯ ମସିହାରେ କମିଶନରଙ୍କ ଅଫଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ। କମିଶନର ମିଜି.ଏଫ୍ କକବର୍ଣ ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତି କରିଥିଲେ। ଗୌରୀଶଙ୍କର ମନି ଅର୍ଡର ଏଜେଣ୍ଟ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ ଜଏଣ୍ଟ ମାଜିଷ୍ଟ୍ରେଟ ଆର୍ମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ। ଏହି କଥାରେ ଆର୍ମଷ୍ଟ୍ରଙ୍ଗ୍ ରାଗିଥିଲେ ମଧ୍ୟ ପରେ ଗୌରୀଶଙ୍କରଙ୍କର ମହାନତା ପାଖରେ ହାର ମାନିଥିଲେ। ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତ ଦେଲେ। ଉକ୍ତ ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ। ଗୌରୀଶଙ୍କର ରଘୁନାଥପୁର ମାଣିକ ରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରିତିରେ ବିବାହ କରିଥିଲେ । ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେମଧ୍ୟ ତାଙ୍କ ଔରସରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ । ୧୮୭୫ ମସିହାରେ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଲା। ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ ।

ନଅଙ୍କ ଦୁର୍ଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆ ମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭିଯୋଗ କ୍ରମେ ମି.ଜର୍ଜ.କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ। ନଅଙ୍କ ଦୁର୍ଭିକ୍ଷର ଭୟାବହତାର ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା। ଗୌରୀଶଙ୍କର, ବିଚିତ୍ରାନନ୍ଦ ଦାସ, ଜଗମୋହନ ରାୟ ୩ଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟିଂପ୍ରେସ୍ ପ୍ରତିଷ୍ଠା କରିଥିଲେ। ଏହା ପୂର୍ବରୁ ଖ୍ରୀଷ୍ଟଧର୍ମ ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ। କଟକ ପ୍ରିଣ୍ଟିଂ କମ୍ପାନୀର ଗୌରୀଶଙ୍କର ସେକ୍ରେଟାରି ଓ ପରିଚାଳକ ଥିଲେ । ଓଡ଼ିଆ ପାଞ୍ଜିକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା । ତା ପରେ ସିଦ୍ଧାନ୍ତ ଦର୍ପଣ । ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂପ୍ରେସ୍ ସମଗ୍ର ଓଡ଼ିଶାର ସଂସ୍କୃତିକ, ସାହିତ୍ୟିକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ରସ୍ଥଳି ପାଲଟିଗଲା। ୧୮୬୬ ମସିହା ଅଗଷ୍ଟ ମାସରୁ ଉତ୍କଳ ଦୀପିକା ପ୍ରକାଶ ପାଇଲା। 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜ ଦ୍ୱାରରେ ଗୃହୀତ ହେଉଥିଲା। ଦୀର୍ଘ ୫୦ବର୍ଷ ଧରି ଗୌରୀଶଙ୍କର ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । 'ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟ କଳାପ ଆଦି ବିଭିନ୍ନ ଦିଗ



ଉପରେ ସାରଗର୍ଭକ ଆଲୋଚନା ମୂଳକ ଲେଖାମାନ ପ୍ରକାଶ ପାଉଥିଲା। ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତାରେ ଅନେକ ଲେଖକ ମାନଙ୍କୁ ନେଇ ପାଠ୍ୟ ପୁସ୍ତକ ରଚନା କରିଥିଲେ ।

'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କର ଥିଲେ ସମ୍ପାଦକ। ଏହିସଭା ମାଧ୍ୟମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟ ଉପରେ ଧ୍ୟାନ ଦିଆଯାଉଥିଲା। ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଗୌରୀଶଙ୍କର ରାୟବାହାଦୁର, ଗୋକୁଳାନନ୍ଦ ଚୌଧୁରୀ ଓ କେତେଜଣ ବିଶିଷ୍ଟ ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ । ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ ରଖିବା ପାଇଁ ସେ ପ୍ରତି ବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ। ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେକରୁଥିଲେ। ୧୯୧୫ ମସିହାରେ ସୁଦୂର କରାଚି ଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ ।

ସଙ୍ଗୀତ ଓ ଲୋକ ସାହିତ୍ୟକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ। ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦ ମାନ ରଚନା କରି ସୁମଧୁର କଣ୍ଠରେ ବୋଲିପାରୁଥିଲେ। ସେ ପ୍ରତି ସପ୍ତାହର ମଙ୍ଗଳବାର ଓ ଶନିବାରରେ ପ୍ରିଣ୍ଟିଂ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ, ସଙ୍ଗୀତଜ୍ଞ, ବାଦକ ଓ ମିତ୍ର ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ। ଆମନ୍ତ୍ରିତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜ୍ୟାଦି ପୂର୍ବକ ଉତ୍ତରୀୟ ପ୍ରଦାନ କରୁଥିଲେ। ଏହି ସଭାରେ ଆଶୁ କବି ମାନଙ୍କୁ ଉଚ୍ଚ ପ୍ରଶଂସା କରୁଥିଲେ। ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମ ସୁଖ ଓ ଶାନ୍ତି ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା।

ନାରୀ ସୃଷ୍ଟି କର୍ତ୍ତା ଓ ସନ୍ତାନର ପ୍ରଥମ ଗୁରୁ। ତେଣୁ ଗୌରୀଶଙ୍କର ନାରୀ ଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ୧୮୬୮ ମସିହାରେ ଏକ ଚାଳ ଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ। ପରିବର୍ତ୍ତୀ ମୂହୁର୍ତ୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା। କୁମାରୀ ସରଳା ଦେବୀ ଝିଅ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତ୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ। ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଂଗୀତ ଓ କ୍ରୀଡ଼ା ଶିକ୍ଷା ଦିଆଯିବ। ତୃତୀୟ ବର୍ଷ ଘରକରଣାର ହିସାବ ପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା। ଚତୁର୍ଥ ବର୍ଷରେ ବ୍ୟାକରଣ , ଭୂଗୋଳ, ହିନ୍ଦୀ ପାଠ, ଚିତ୍ର, ନକ୍‌ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା। ପଂଚମ ବର୍ଷରେ ଇଂରେଜୀ ସଂଯୋଜନା ଉପରେ ନକ୍‌ସା ଦିଆଗଲା। ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା। ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା। ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀରତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେ ପାଠ୍ୟକ୍ରମ ମାଧ୍ୟମରେ ନାରୀମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଚେଷ୍ଟା କରିଥିଲେ। ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ। ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ। ଜନସାଧାରଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ।

୧୯୦୫ ମସିହାରେ କାୟସ୍ଥମାନଙ୍କ କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା। ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ। କାୟସ୍ଥ ମାନେ ଗୌରୀଶଙ୍କରଙ୍କ ନେତୃତ୍ୱରେ ଉପବୀତ ଧାରଣ କଲେ। ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା। ଏକ ବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ। ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳବାଳା ଅଳ୍ପ ବୟସରେ ବିଧବା ହୋଇଥିଲେ। ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ। ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ । ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ। ୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦୂର ଉପାଧି ପାଇଥିଲେ । ସେ ୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍‌ରେ ଓଡ଼ିଆ ଜାତିର କର୍ମ ପୁରୁଷ, ଓଡ଼ିଆ ଭାଷାର ପ୍ରାଣ କେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜିଦେଲେ। ଗୌରୀଶଙ୍କରଙ୍କ ଅମ୍ଳାନ ପ୍ରତିଭା ତଥା କୀର୍ତ୍ତି ତାଙ୍କୁ ଚିର ଅମର କରି ରଖିବ। ଏ ଜାତି ଏ ଭାଷା ବଂଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ।

# ଇରାନ୍ ଇସ୍ରାଏଲ ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧର ପ୍ରାରମ୍ଭ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ପରେ ସମଗ୍ର ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା। ଏହା ପରେ ବିଶ୍ୱର ସମସ୍ତ ଦେଶ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଥିରେ ଅନେକ ଦେଶ ସିଧାସଳଖ ଇସ୍ରାଏଲ ଏବଂ ଇରାନକୁ ସମର୍ଥନ କରିଛନ୍ତି। ସେହି ସମୟରେ ଅନେକ ଦେଶ ଏକ ନିରପେକ୍ଷ ସ୍ଥିତି ରଖିଛନ୍ତି। ପ୍ରକାଶ ଥାଉ ଯେ, ଇସ୍ରାଏଲକୁ ସମର୍ଥନ କରିଥିବା ଦେଶଗୁଡ଼ିକ ହେଉଛନ୍ତି ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ, ଚେକ୍ ଗଣରାଜ୍ୟ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଅନ୍ତର୍ଭୁକ୍ତ। ଇସ୍ରାଏଲ ବିରୁଦ୍ଧରେ ଇରାନକୁ ସମର୍ଥନ କରିଥିବା ଦେଶଗୁଡ଼ିକ ମଧ୍ୟରେ ରୁଷ, ଚୀନ୍, ମିଶର, ତୁର୍କୀ, ପାକିସ୍ତାନ, ଇଣ୍ଡୋନେସିଆ, ଇରାକ, ଓମାନ, ସାଉଦି ଆରବ, କତାର, ସଂଯୁକ୍ତ ଆରବ ଏମିରେଟ୍ସ, ଲେବାନନ୍, ଜୋର୍ଡାନ, ହୁଥି, ହମାସ, ଆଫଗାନିସ୍ତାନ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଯେଉଁମାନେ ଉଭୟ ଦେଶକୁ ସଂଘର୍ଷ ହ୍ରାସ କରିବାକୁ ନିବେଦନ କରିଛନ୍ତି ସେମାନଙ୍କ ମଧ୍ୟରେ ମିଳିତ ଜାତିସଂଘ, ଭାରତ, ଜାପାନ, ଆୟର୍ଲ୍ୟାଣ୍ଡ, ଆଫ୍ରିକୀୟ ସଂଘ, ୟୁରୋପୀୟ ସଂଘ, ଇଟାଲୀ ଅନ୍ତର୍ଭୁକ୍ତ। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ବିଷୟରେ ବିଶ୍ୱର ସମସ୍ତ ଗୋଷ୍ଠୀ ବହୁତ ଚିନ୍ତିତ। ସଂଯୁକ୍ତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସଂଘର୍ଷ ଏଡାଇବା ପାଇଁ ସଂଯମତା ରଖିବାକୁ ଆହ୍ୱାନ ଦେଇଛନ୍ତି। ଗୁଟେରେସଙ୍କ ମୁଖପାତ୍ର ଫରହାନ୍ ହକ୍ କହିଛନ୍ତି, "ମଧ୍ୟପ୍ରାଚ୍ୟରେ ଯେକୌଣସି ସାମରିକ ବୃଦ୍ଧିକୁ ମହାସଚିବ ନିନ୍ଦା କରନ୍ତି।" ଇରାନର ପରମାଣୁ କାର୍ଯ୍ୟକ୍ରମର ସ୍ଥିତି ଉପରେ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ସେ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଇସ୍ରାଏଲର ଆକ୍ରମଣ ବିଷୟରେ ବିଶେଷ ଚିନ୍ତିତ। ଜାତିସଂଘର ପରମାଣୁ ପ୍ରତ୍ୟକ୍ଷଦର୍ଶୀ ରାଫେଲ୍ ଗ୍ରୋସି କହିଛନ୍ତି ଯେ ପରମାଣୁ ପ୍ରତିଷ୍ଠାନ ଉପରେ କେବେବି ଆକ୍ରମଣ କରାଯିବା ଉଚିତ୍ ନୁହେଁ" ଏବଂ ଇରାନ ଉପରେ ଇସ୍ରାଏଲର ଆକ୍ରମଣ ପରେ ଆହୁରି ଉତ୍ତେଜନାକୁ ଏଡାଇବା ପାଇଁ ସମସ୍ତ ପକ୍ଷଙ୍କୁ ସର୍ବାଧିକ ସଂଯମତା ଅବଲମ୍ବନ କରିବାକୁ ଆହ୍ୱାନ କରିଛନ୍ତି। ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (IAEA)ର ମୁଖ୍ୟ ଗ୍ରୋସି ବୋର୍ଡ ସଦସ୍ୟମାନଙ୍କୁ ଏକ ବିବୃତ୍ତିରେ କହିଛନ୍ତି ଯେ, "ଏହି ଘଟଣା ଅତ୍ୟନ୍ତ ଚିନ୍ତାଜନକ... ପରମାଣୁ ପ୍ରତିଷ୍ଠାନର ସୁରକ୍ଷା ଏବଂ ସୁରକ୍ଷାକୁ ବିପଦରେ ପକାଇଥିବା ଯେକୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଇରାନ ଏବଂ ବାହାରେ ଲୋକଙ୍କ ପାଇଁ ଗମ୍ଭୀର ପରିଣାମ ଆଣିପାରେ। ନାଟୋ ମହାସଚିବ ମାର୍କ ରୁଟ୍ କହିଛନ୍ତି ଯେ, ଇସ୍ରାଏଲର ସହଯୋଗୀମାନେ ଉତ୍ତେଜନା ହ୍ରାସ କରିବା ପାଇଁ କାମ କରିବା ଗୁରୁତ୍ୱପୂର୍ଣ୍ଣ। "ମୁଁ ଭାବୁଛି ଯେ, ଆମେରିକା ସମେତ ଅନେକ ସହଯୋଗୀଙ୍କ ପାଇଁ ଉତ୍ତେଜନା ହ୍ରାସ କରିବା ପାଇଁ କାମ କରିବା ଏବେ ଗୁରୁତ୍ୱପୂର୍ଣ୍ଣ।" "ମୁଁ ଜାଣିଛି ସେମାନେ ଏପରି କରୁଛନ୍ତି," ରୁଟ୍ ଷ୍ଟକହୋମରେ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ କହିଥିଲେ। ରୁଟ୍ କହିଛନ୍ତି ଯେ, "ଏହା ଇସ୍ରାଏଲ ପକ୍ଷରୁ ଏକ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଥିଲା।"

ତେବେ ଏସବୁ ଭିତରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ କାହିଁକି ଯୁଦ୍ଧ ହେଉଛି ? କାହିଁକି ଏହି ଅପରେସନର ନାଁ "ସିଲ୍ଡ ଅଫ୍ ଜୁଡା" ରଖିଲା ଇସ୍ରାଏଲ୍ ? ଆସନ୍ତୁ ଜାଣିବା ଏ ବିଷୟରେ...। ଜୁନ୍ ୨୦୨୫ରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ପରେ ଇସ୍ରାଏଲ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଥିଲା। ଇସ୍ରାଏଲ ଅପରେସନ୍ ରାଇଜିଂ ଲାୟନ ଆରମ୍ଭ କରିଥିଲା । ଏହା ଏକ ସାମରିକ ଅଭିଯାନ ଥିଲା । ଯାହାକୁ ପରବର୍ତ୍ତୀ ସମୟରେ ଅପରେସନ୍ "ସିଲ୍ଡ ଅଫ୍ ଜୁଡା" ନାମରେ ନାମିତ କରାଯାଇଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଦୀର୍ଘକାଳୀନ ଉତ୍ତେଜନା ଏବଂ ଆଦର୍ଶଗତ ପାର୍ଥକ୍ୟରୁ ସୃଷ୍ଟି ହୋଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୧୯୭୯ ଇସଲାମିକ୍ ବିପ୍ଳବ ପରଠାରୁ ଇରାନ ଇସ୍ରାଏଲକୁ ଶତ୍ରୁ ବୋଲି ଭାବୁଛି। ଇରାନ ଖୋଲାଖୋଲି ଭାବରେ ପାଲେଷ୍ଟାଇନକୁ ସମର୍ଥନ କରେ ଏବଂ ଇସ୍ରାଏଲ ପ୍ରତି ଶତ୍ରୁ ସଂଗଠନଗୁଡ଼ିକୁ ସମର୍ଥନ କରେ, ଯାହାକୁ ଇସ୍ରାଏଲ ଆତଙ୍କବାଦୀ ସଂଗଠନ ବୋଲି ବିବେଚନା କରେ। ଅତୀତରେ, ଇରାନ ଗୃହଯୁଦ୍ଧ ସମୟରେ ସିରିଆରେ ତାର ସାମରିକ ଉପସ୍ଥିତି ବୃଦ୍ଧି କରିଥିଲା। ଏହା ପରେ, ଇସ୍ରାଏଲ ବାରମ୍ବାର ସିରିଆର ଇରାନୀ ଘାଟି ଉପରେ ବିମାନ ଆକ୍ରମଣ କରିଥିଲା। ଏହି ସମସ୍ତ କାରଣ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧର କାରଣ ହୋଇଛି। ଇସ୍ରାଏଲ ଏହି ସାମରିକ ଅଭିଯାନକୁ "ଅପରେସନ୍ ସିଲ୍ଡ ଅଫ୍ ଜୁଡା" ନାମ ଦେଇଛି। ଇସ୍ରାଏଲ ୩୦ଟି ଇରାନୀ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଛି। ରିପୋର୍ଟ ଅନୁଯାୟୀ, ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନି ଏବଂ ଇରାନୀ ଗୁପ୍ତଚର ମୁଖ୍ୟାଳୟ ମଧ୍ୟ ଏହି ଲକ୍ଷ୍ୟସ୍ଥଳରେ ଅନ୍ତର୍ଭୁକ୍ତ। ଏହି ଆକ୍ରମଣ ପରେ ପ୍ରତିଶୋଧ ନେବା ପାଇଁ ଇରାନର ଉଦ୍ଦେଶ୍ୟ ବିଶ୍ୱବ୍ୟାପୀ ଚିନ୍ତା ସୃଷ୍ଟି କରିଛି।

ଏହା ଭିତରେ ଇରାନ ଏକ ବିସ୍ଫୋରଣ ଓ ମହତ୍ତ୍ୱପୂର୍ଣ୍ଣ କଥା କହିଛି। ଭାରତ, ଚୀନ୍ ଓ ରୁଷର ବିକାଶକୁ ବନ୍ଦ କରିବା ପାଇଁ ଆମେରିକା ଜାଣିଶୁଣି ବିଶ୍ୱ ବିବାଦକୁ ପ୍ରୋତ୍ସାହିତ କରୁଥିବା ଇରାନ ବଡ଼ ଅଭିଯୋଗ କରିଛି । ଶାନ୍ତି ପାଇଁ ନିଜର ଇଚ୍ଛା ପ୍ରକାଶ କରି, ତେହେରାନ ସମ୍ମାନଜନକ ଭାବରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛି କିନ୍ତୁ ଭବିଷ୍ୟତର ବିପଦ ବିଷୟରେ ମଧ୍ୟ ଚେତାବନୀ ଦେଇଛି। ଇରାନର ସର୍ବୋଚ୍ଚ ନେତାଙ୍କ ପ୍ରତିନିଧିଙ୍କ ଅନୁଯାୟୀ, ଆମେରିକା ଚାହୁଁନାହିଁ ଯେ ବିଶ୍ୱ ବହୁଧ୍ରୁବୀୟ ହେଉ ଅବା ଅନ୍ୟ କୌଣସି ଦେଶ ୱାସିଂଟନର ସମାନ ଅଂଶୀଦାର ହେଉ। ଇରାନ ଏଭଳି ଅଭିଯୋଗ ଏପରି ଏକ ସମୟରେ ଆଣିଛି ଯେତେବେଳେ ଇସ୍ରାଏଲୀ ଓ ଆମେରିକୀୟ ଆକ୍ରମଣ ମଧ୍ୟପ୍ରାଚ୍ୟରେ ବ୍ୟାପକ ଧ୍ୱଂସ ଘଟାଇଛି ତଥା ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଇରାନର ସର୍ବୋଚ୍ଚ ନେତାଙ୍କ ପ୍ରତିନିଧି ଅବଦୁଲ ମାଜିଦ ହାକିମ ଏଲାହି କହିଛନ୍ତି ଯେ, ଆମେରିକାର ପ୍ରକୃତ ଟାର୍ଗେଟ କେବଳ ଇରାନ ନୁହେଁ ବରଂ ଉଦୀୟମାନ ଶକ୍ତି। ସେ ଦାବି କରିଛନ୍ତି, ୱାଶିଂଟନ ଚାହୁଁନାହିଁ ଭାରତ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ନିକଟ ଭବିଷ୍ୟତରେ ଶକ୍ତିଶାଳୀ ହୋଇ ଆମେରିକାର ଆଧିପତ୍ୟକୁ ଚ୍ୟାଲେଞ୍ଜ କରନ୍ତୁ। ତେଣୁ, ଏହି ଦେଶଗୁଡ଼ିକର ପ୍ରଗତି ଓ ବିକାଶକୁ ବାଧା ଦେବା ପାଇଁ ଆମେରିକା ଜାଣିଶୁଣି ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ ଉସୁକାଉଛି। ଭାରତ ଏବଂ ଚୀନ୍ ଉପରେ ଆମେରିକାର ନଜର ରହିଛି। ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଇଲାହି ସୂଚିତ କରିଛନ୍ତି, ଇରାନ କୂଟନୀତି ପାଇଁ ପ୍ରସ୍ତୁତ, କିନ୍ତୁ ଏହି ଆଲୋଚନା ମର୍ଯ୍ୟାଦାଜନକ ହେବା ଆବଶ୍ୟକ। ଇରାନ ଦାବି କରିଛି, ଆମେରିକା ଯୁଦ୍ଧ ବନ୍ଦ କଲେ, ପ୍ରତିବନ୍ଧକ ହଟାଇଲେ ଏବଂ ଭବିଷ୍ୟତରେ କୌଣସି ଆକ୍ରମଣ ନ କରିବାକୁ ଗ୍ୟାରେଣ୍ଟି ଦେଲେ ହିଁ ଶାନ୍ତି ସମ୍ଭବ ହେବ। ସେ ସ୍ପଷ୍ଟ କରିଛନ୍ତି, ଇରାନ ଏହି ସଂଘର୍ଷ ଆରମ୍ଭ କରିନାହିଁ। ଆମେରିକା ଓ ଇସ୍ରାଏଲ ଆମର ନିରୀହ ନାଗରିକଙ୍କ ଉପରେ ବୋମା ମାଡ଼ କରି ଏହାକୁ ଉସୁକାଇଛନ୍ତି। ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶରେ ଇରାନ ଦାବି କରିଛି ଯେ, ଆକ୍ରମଣ ପୂର୍ବରୁ ଓମାନ ମାଧ୍ୟମରେ ଆମେରିକା ସହିତ ଏକ ଚୁକ୍ତିନାମା ସମାପ୍ତ ହେବାକୁ ଯାଉଥିଲା। ଦୁଇ ପକ୍ଷ ଏକ ମିଳିତ ବିବୃତି ଜାରି କରିବାକୁ ନିକଟତର ହୋଇଥିଲେ, କିନ୍ତୁ ତା'ପରେ ହଠାତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଥିଲା, ଯାହା ସମଗ୍ର ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଥିଲା। ଇରାନ ଅଭିଯୋଗ କରିଛି, ଆମେ କେବେବି କୂଟନୀତିର ପଥ ପରିତ୍ୟାଗ କରିନାହୁଁ, ବରଂ ଆମେରିକା ପଛକୁ ହଟି ଯୁଦ୍ଧର ପଥ ବାଛିଛି।

ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନର କ୍ଷେପଣାସ୍ତ୍ର ଏବଂ ପରମାଣୁ କ୍ଷମତା ନଷ୍ଟ ନହେବା ପର୍ଯ୍ୟନ୍ତ ସାମରିକ ଅଭିଯାନ ଜାରି ରହିବ। ଟ୍ରମ୍ପ ଇରାନର ଶାନ୍ତି ଆଲୋଚନା ପ୍ରସ୍ତାବକୁ ବହୁତ ବିଳମ୍ବ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି, ଯାହା ଏହି ଅଞ୍ଚଳରେ ଶାନ୍ତି ପାଇଁ ଆଶାକୁ ମଳିନ କରିଦେଇଛି। ତେବେ ଇରାନର ରଣନୀତି ସ୍ପଷ୍ଟ। ପ୍ରଥମେ ଶତ୍ରୁକୁ ଅନ୍ଧ କରିବା, ତା'ପରେ ସେମାନଙ୍କର ପ୍ରତିରକ୍ଷାକୁ ଦୁର୍ବଳ କରିବା, ଏବଂ ଶେଷରେ ଏକ ବଡ଼ ଆକ୍ରମଣ ସହିତ ସେମାନଙ୍କୁ ପରାସ୍ତ କରିବା। ଏହି ତିନି ପର୍ଯ୍ୟାୟ ଯୋଜନାକୁ ବ୍ଲାଇଣ୍ଡ, ଡିପ୍ଲେଟ୍ ଏବଂ ଓଭରହ୍ୱେଲ୍ମ୍ ବୋଲି ଇରାନ କହିଥାଏ। ଇରାନ ଶସ୍ତା ଅସ୍ତ୍ରଶସ୍ତ୍ର ମାଧ୍ୟମରେ ମହଙ୍ଗା ଆମେରିକୀୟ ପ୍ରତିରକ୍ଷା ବ୍ୟବସ୍ଥାକୁ ଶେଷ କରିବାକୁ ଚାହୁଁଛି। ଇରାନର ପ୍ରାଥମିକ ରଣନୀତି ହେଉଛି ଶତ୍ରୁର ଆଖି କୁହାଯାଉଥିବା ରାଡାରକୁ ନଷ୍ଟ କରି ଶତ୍ରୁକୁ ଅନ୍ଧ କରିବା। ରାଡାର, ସେନ୍ସର ଏବଂ କମାଣ୍ଡ ସେଣ୍ଟର, ଆମେରିକାର ସମନ୍ୱିତ ସେନ୍ସର ନେଟୱାର୍କ, ରାଡାର ଏବଂ କମାଣ୍ଡ ଏବଂ ନିୟନ୍ତ୍ରଣ ନୋଡ ଉପରେ ଆକ୍ରମଣ କରିବା ପାଇଁ ଇରାନ ଶସ୍ତା ସ୍ୱର୍ମ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ଯୋଜନା କରିଛି। ଏହି ଶସ୍ତା ଡ୍ରୋନ୍ ଓ କ୍ଷେପଣାସ୍ତ୍ର ରାଡାରକୁ ଟାର୍ଗେଟ କରି ଶତ୍ରୁକୁ ଅନ୍ଧ କରିଦେବ। ଫଳରେ ଶତ୍ରୁ ବିନା ରାଡାରରେ ଯୁଦ୍ଧ କ୍ଷେତ୍ରରେ ଅନ୍ଧ ପାଲଟିଯିବ। ଇରାନର ରଣନୀତି ହେଉଛି ଶସ୍ତା ଆକ୍ରମଣ କରି ଶତ୍ରୁକୁ ମହଙ୍ଗା ଇଣ୍ଟରସେପ୍ଟର ବ୍ୟବହାର କରିବାକୁ ଏବଂ ସେମାନଙ୍କର ଷ୍ଟକ୍ ଶୂନ୍ୟ କରିବାକୁ ବାଧ କରିବା। ଏହା ଏକ କଷ୍ଟ ଆସିମେଟ୍ରି ଟ୍ରାପ୍। ଏହା ଦ୍ୱାରା ଇରାନ କମ୍ ଖର୍ଚ୍ଚ କରି ଶତ୍ରୁକୁ ଅଧିକ ଖର୍ଚ୍ଚ କରିବାକୁ ବାଧ କରେ। ଉପସାଗରରେ, ୟୁଏଇ ଇରାନ ଆକ୍ରମଣକୁ ପ୍ରତିହତ କରିବା ପାଇଁ କୋଟି କୋଟି ଡଲାର ଖର୍ଚ୍ଚ କରିଛି, କିନ୍ତୁ ଇରାନ ପାଖରେ ଏବେ ବି ଶସ୍ତା ଅସ୍ତ୍ରଶସ୍ତ୍ରର ଏକ ବଡ଼ ଭଣ୍ଡାର ଅଛି। ଏହା ଆମେରିକାର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଯୋଜନା ରଖିଛି। ଯେତେବେଳେ ଶତ୍ରୁର ପ୍ରତିରକ୍ଷା ଦୁର୍ବଳ ହୋଇଯିବ ଓ ଇଣ୍ଟରସେପ୍ଟରଗୁଡ଼ିକୁ ନଷ୍ଟ କରିଦିଆଯିବ ସେତେବେଳେ ଇରାନ ନିଜର ବଡ଼ ଏବଂ ଅଧିକ ବିପଦପୂର୍ଣ୍ଣ ଅସ୍ତ୍ର, ଯେପରିକି ହାଇପରସୋନିକ୍ କ୍ଷେପଣାସ୍ତ୍ର, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ହୋଲ୍ଡ-ବ୍ୟାକ୍ ସିଷ୍ଟମ ଲଞ୍ଚ କରିବ ଏହି କ୍ଷେପଣାସ୍ତ୍ରଗୁଡ଼ିକ ଅତ୍ୟନ୍ତ ଦ୍ରୁତ ଏବଂ ସଠିକ ଭାବେ ଦୁର୍ବଳ ପ୍ରତିରକ୍ଷାକୁ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଏହି ଆକ୍ରମଣ ମାଧ୍ୟମରେ ଇରାନ ଆମେରିକୀୟ ଜାହାଜ, ଘାଟି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଯଥେଷ୍ଟ କ୍ଷତି ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶସ୍ତା ଅସ୍ତ୍ରଶସ୍ତ୍ର ସହିତ ଶତ୍ରୁକୁ କ୍ଲାନ୍ତ କରି, ଇରାନ ବଡ଼ ଆକ୍ରମଣ ପାଇଁ ପଥ ପ୍ରସ୍ତୁତ କରୁଛି। ଇରାନର ଏଭଳି ଯୁଦ୍ଧ ନୀତି ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢ଼ାଇଛି। ଫଳରେ ଯୁଦ୍ଧ ଅଧିକ ଲମ୍ବା ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏଥିରୁ ଅନୁମେୟ ଯେ ଏ ଯୁଧ ସହଜରେ ଶେଷ ହେବ ନାହିଁ ଯାହାକି ଆଗାମୀ ସମୟରେ ତୃତୀୟ ବିଶ୍ୱଯୁଦ୍ଧ କୁ ଆମନ୍ତ୍ରଣ କରିପାରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ମାଆ

**ସୁଜିତ କୁମାର ମିଶ୍ର**



ସେ ଡାକରେ
କଣ ଅଛି କେଜାଣି
ସରେନି ଦୀପର ଜଳିବା,
ଝରଣାର ମିଠା କାହାଣୀ ।

ସାରା ରାତି ସେ ଉଜାଗରର
ବସୁଧା ଛାତି,
ତୁମେ ଶୋଇଗଲା ପରେ
ସେ ଦୀପର ଦେହ,
ଲୁହର ଶେଜ ତା ନିଷ୍ଠୁର ନିୟତି ।

ବଡ ଅଦ୍ଭୁତ ଏ ମାଆ,
ସେ ନିଇତି ଭାବେ ମୋତେ
ତା ଚାରି ପାଞ୍ଚ ବର୍ଷର ଛୁଆ,
ତା କୋଳର ଆନନ୍ଦ ଝୁଲଣା,
ମାଆ ମୋ ଭିତରର
ଆୟୁଷ ପବନ,
ତା ପାବନ ତଟିନୀର ମିଠାସୁରରେ
ମୋ ଜୀବନ ବରଗଛର
ମିଠାଛାଇ ।

ସଂସାରର ଆଡମ୍ବର ଶେଜ
ତା କୋଳ ସହ କଣ ସରି ?
ଶୋଇଗଲା ପରେ ସେ କୋଳରେ
ସବୁ ତ ସରଗର ସୁଖ,
ଫଗୁଣର ଶିହରଣ,
କଷଣର ତାତିଲାପଣ ମନରୁ ଯାଏ
ଉତୁରି ।

ମାଆ ସୀମାହୀନ କବିତାର ସ୍ୱର,
ସ୍ନେହାନୁବନ୍ଧ ପଣତ ଖୁସିର,
ସେ ତ ଦରଦର ଦୀପଶିଖା,
ଶବ୍ଦରୁ ନିସୃତ ଅସରନ୍ତି ଶବ୍ଦ,
ଭାବରୁ କୋଟି କୋଟି ମିଠା ଭାବ,
ଦେବୀ ସେ, ଆମ ଜୀଇଁବାର
ବିଦଗ୍ଧ ସଳିତା,
ସେଥିପାଇଁ ତ ସେ ମହାନଈ ପରି
ପ୍ରତିପ୍ରାଣେ ଚିରସ୍ରୋତା ।

ତା ହାତର ଆଉଁସା
ବଇଦର ଔଷଧ ପରି,
ଛୁଇଁଲେ ନିରାଶାର ତାତି ଛୁ
ସେ ତ ଅପୂର୍ବ କିମିଆଁ,
ସମଗ୍ର କ୍ଷତ ପାଇଁ
ସେ ଆଶ୍ୱାସନାର ପ୍ରେମ ନଈ
ଦେଖିଛ କି ଏମିତି କେଉଁଠି
କାହା କରୁଣାର ପ୍ରଲମ୍ବିତ ଡୋରି ?

ନିଜେ ସିଝି ସିଝି ଯେ ସଂଜବତୀ
ସେ ମାଆ,
ଆଲୋକ ପ୍ରାଣା ସେ ତମସାରେ
ଡୁବି ଡୁବି,
ତୁମ ଆଲୋକ ହିଁ ତାର
ଅପାର ଆନନ୍ଦ,
ତୁମ ଅନ୍ଧାର ହିଁ ତାକୁ ତାକୁ କରେ ଅନ୍ଧ,
ସେ ଅଗନାଅଗନି ବନସ୍ତରେ
ଅନୁରାଗର ମଳୟ ବାଆ ।

ମାଆ ହଜୁନଥିବା ମୋତି,
ସେ ସାଗର ଗର୍ଭର ଅଶାନ୍ତପଣ
ଆପଣାପଣର ଶ୍ରାବଣରେ,
ସେ କାଳାନ୍ତରେ ମଧୁର ଆଳାପର
ମହୋଦଧି ସ୍ମୃତି ।

ମାଆ ମରଣଠୁ ଉର୍ଦ୍ଧ୍ୱ
ଅମର ଜ୍ୟୋତିର ସ୍ନେହ ଫର୍ଦ୍ଦ,
ସେ ସକଳ ତୀର୍ଥ
ସେ ଗୀତା ଭାଗବତ,
ବାକି ସବୁ ମାୟାର ଗୀତ ।

ମାଆ ତୁ ମନ୍ତ୍ର, ମନ୍ଦିର,
ମହା ବୈକୁଣ୍ଠର ଝର,
ମୁଁ ଖାଲି ଚୋରାବାଲି ତୋ ଭାବର ।

ମାଆ ତୁ ମିଳନର ବିପୁଳ ବୈଭବ,
ଅନୁରାଗ ଗୁଡିର ମହା ଉଡାଣ ରଙ୍ଗ,
ସରାଗୀ ସୂର୍ଯ୍ୟର ଗତି, ଶକ୍ତି, ପ୍ରୀତି
ତୋ ପଣତ ଶୀତର ଉଷୁମ ଚାଦର
ତୁ ବସନ୍ତର ସୁଲଳିତ ଶ୍ରଦ୍ଧାଗୀତି ।

ତୋତେ ପୂଜିବା ପାଇଁ
ମୁଁ ଏକ କ୍ଷୁଦ୍ର ବାଲିରେଣୁ,
ଟୋପାଏ ଲୁହକୁ ମୋ
ଭାବିନେ ତୁ ସର୍ବସ୍ୱ ତେଣୁ ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ବନ୍ଦ ହେଉ ସେ ଯୁଦ୍ଧ



**ନୀଳମଣି ଚାନ୍ଦ**

ଏବେ ଅହିଂସା ଓ ଶାନ୍ତିକୁ
ଆମନ୍ତ୍ରଣ କରିବାର ସମୟ,
ଚୁକ୍ତି ଓ ସନ୍ଧି ଲୋଡ଼ା
କାରଣ କେଇଦିନ ହେବ
ମଧ୍ୟ ପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ
ମିଶାଇଲ୍ ଉଠେ
ଘଡିକେ ଘୋଡ଼ା ଛୁଟେ ।
ନିଜ ଅହଂକାରରେ
ଭଟା ପଡ଼େନି
ପ୍ରଭୁତ୍ୱ ଜାରି କରିବା ତ
ସେମାନଙ୍କ ଲକ୍ଷ୍ୟ
ହିଂସା ଭିଆଇବାରେ
ସେମାନେ ଦକ୍ଷ ।
ବନ୍ଦ୍ ହେଉ ସେ ଯୁଦ୍ଧ
ଆମର ଲୋଡ଼ା ସେହି ବାଣୀ
ଯାହାକୁ ବହୁ ପୂର୍ବରୁ କହିଥିଲେ
ଗାନ୍ଧିଜୀ ଓ ବୁଦ୍ଧ ।

*ମନ୍ତମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

## ଯୁଦ୍ଧ

**ଡ. ଦୀପକ କୁମାର ମିଶ୍ର**

ଥଙ୍ଗେଇ ହେଉଥିବା ନିରିମାଖି ସର୍ବାଙ୍ଗ ପ୍ରାଙ୍ଗଣରେ
ସମଗ୍ର ବର୍ବରତାର ତାରବାଡ଼ ଡେଇଁ
ତୁହାକୁତୁହା ଚାଲିଥାଏ
କ୍ଷତ ଓ କ୍ଷେପଣାସ୍ତ୍ର ମାଡ଼
କାକୁସ୍ଥ କୁହାଟ ଶୁଭୁଥାଏ ଦରଫୁଟା ଫୁଲଙ୍କ ଭିଡ଼ରୁ
ଚାହୁଁ ଚାହୁଁ ଛିଣ୍ଡିପଡ଼େ ଇତସ୍ତତଃ
ଦରୋଟି ଭାଷାର ଅପରିପକ୍ୱ ଅଝଟିଆ ଅଙ୍ଗ
ବିବ୍ରତ ବସ୍ତାନି ଭିତରୁ ରକ୍ତର ସୁଅ ଛୁଟେ
ଯୁଦ୍ଧର ବିଗୁଲ୍ ଭିତରୁ ଲେଖାଯାଏ ସଦର୍ପରେ
ସାମ୍ରାଜ୍ୟବାଦର ସମ୍ପୂର୍ଣ୍ଣ ନୂଆ ଏକ ଅର୍ଥ ।

ବ୍ୟଥିତ ପୃଥିବୀ, ଅସହାୟ ସମୟ, ବିକଳାଙ୍ଗ ବୁଦ୍ଧି
ବିଦ୍ୱେଷପୂର୍ଣ୍ଣ ମଣିଷର ବିଚକ୍ଷଣ ସମରସଜ୍ଜାର
ଦ୍ୱାରମୁହଁରେ ସତେକି ଦଣ୍ଡାୟମାନ
ଯୁଦ୍ଧଖୋର୍ ଗଣ୍ଡେ ରାକ୍ଷସ ରାବଣ ।



କେଜାଣି କିଏ ଜିଣେ, କିଏ ଗଣେ ଜୀବନର ତଣ୍ଡ
ମାନବତାକୁ ନିର୍ମମ ହତ୍ୟାକରି କେମିତି ଲେଖାଯାଏ ପୁଣି
ରକ୍ତର ଲିପିରେ ଶାନ୍ତିର ସନ୍ଧିପତ୍ରଟିଏ
ନିର୍ବିକାରେ ଛିଡ଼ାହୋଇ କ୍ରନ୍ଦନରତ ରାତିର ଛାତିରେ
ଚିରସ୍ଥାୟୀ ନିଦ୍ରାରେ ଶୋଇଥିବା
ଶବମାନଙ୍କ ବୁଢାଆଙ୍ଗୁଠିରୁ ନିର୍ଜୀବ ଟିପଚିହ୍ନ ନେଇ ।

ପ୍ରତିପତ୍ତି ଓ ପ୍ରତିଷ୍ଠାର ଚକ୍ରାନ୍ତ ଚକ୍ରରେ
କ୍ଷଣସ୍ଥାୟୀ କ୍ଷମତାର ଲଢ଼େଇକୁ ଶିଡ଼ିଟିଏ କରି
ଶିଖର ଛୁଁଥିବା ଶାସକଗୋଷ୍ଠୀ
ନିଶ୍ଚିନ୍ତରେ କଷୁଥା'ନ୍ତି ବସି
ରୁନ୍ଧିହେଉଥିବା ବଙ୍କରରେ
ଯାହିତାହି ବଞ୍ଚୁଥିବା ଶ୍ୱାସରୁଦ୍ଧ ହତଭାଗ ଭାଗ୍ୟର ଆୟୁଷ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*

## ନାହି ନାଡ଼

**କୈଳାସ ଚନ୍ଦ୍ର ସାହାଣୀ**



ସେଇ ସାତ ତାଳ ପାଣି ପଙ୍କ ଭିତରେ
ଫୁଟିଥାଏ ପଦ୍ମ,
ସେଠି ବ୍ରହ୍ମ ସଂସ୍ଥାପନ,
ସମ୍ପର୍କର ଡୋର
କେବେ ପାଲଟିଥାଏ ନାହି ନାଡ,
ଜରାୟୁର ଅନ୍ଧାରୀ ଗୁମ୍ଫାରେ
ପଲ୍ଲବିତ ହେଉଥାଏ ଗୋଟେ ଭ୍ରୁଣ,
କିପରି ସଂଯୋଗରେ ଥାଏ ସେ
ଅଦୃଶ୍ୟ ଜଠର ଗହ୍ୱର,
ଶ୍ୱାସ, ପ୍ରଶ୍ୱାସ
ରକ୍ତବାହୀ ଧମନୀର ଅବିଶ୍ରାନ୍ତ ଚିର ପ୍ରବାହ !



ଫୁଲ ଶେଯରେ ନବ ଜାତକ
କୁଆଁ ରାବର କୋମଳ ମୂର୍ଚ୍ଛନାରେ
ଲୁହମାନେ ପଖାଳୁଥାନ୍ତି ଦେହ !

ନାହି ନାଡ଼ ବିଚ୍ଛିନ୍ନ ପରେ
ବଦଳିଯାଏ ଋତୁ
କେଉଁ ପାହାଡ଼ ଛାତିରୁ ଝରୁଥାଏ ଅମୃତ,
ଗହଳ ମାଣ୍ଡିଆ କିଆରୀରୁ
କିଏ ଶୁଣାଏ ଜହ୍ନମାମୁ ଗୀତ !
ପଣତ କାନିରେ ଲାଗିଥାଏ ଦାଣ୍ଡ ଧୂଳି
ଗୁହ ମୂତରେ ଭିଜୁଥାଏ ପାରିଶୁଆ,
ଦୁଧଭାତର ମହକ ଭିତରେ
ପଲ୍ଲବିତ ହେଉଥାଏ ଗୋଟେ ମଣିଷ ଗଛ !



ଦଶମାସ ଦଶଦିନର ନିରବ ତପସ୍ୟା
ନୀତି ନିୟମ ଆଚାର ସଂହିତା,
ବିଧି ବିଧାନର ବହୁ ଦିଗ ପାଳନ ପରେ
କେବେ ଧରାବତରଣ କରେ
ଗୋଟେ ମାଂସର ପିଣ୍ଡୁଳା !
ଗୋଟେ ଗର୍ଭ ବେଦନାର ଦାରୁଣ କଷଣ
ଭୋଗି ସାରିଲାପରେ
ଉଇଁଆସେ ଲୋହିତ ସକାଳ;
ନାହି ନାଡ଼ ଅବିଚ୍ଛିନ୍ନ



ଅତୀତ ସ୍ମୃତିହୋଇ ଠିଆ ହୁଏ
ବେଳ ଅବେଳରେ,
ନାହି ନାଡ ଥରେ କଟିଗଲେ
ଆଉ ଯୋଡିବାର ଯୁ' ନଥାଏ,
ପର ଲଗା ପକ୍ଷୀ କେବେ ଉଡିଯାଏ ଦୂର
ଦିଗ୍‌ବଳୟ ସେପାରେ,
ଖାଁ ଖାଁ ଲାଗୁଥାଏ କୁଟା କାଠିର ଘର,
ମାଆଟିଏ ଲୋଡୁଥାଏ ଅନ୍ଧର ଲଉଡି
କେବେ ନିରବ ନିଶିଥରେ,
ନାହି ନାଡ଼ ବିଚ୍ଛିନ୍ନ ଯନ୍ତ୍ରଣାଠୁ ଆହୁରି କାରୁଣ୍ୟ
ଶୂନ୍ୟ ଅଗଣାରେ !!

*ବଡବିଲ, କେନ୍ଦୁଝର*

## ସେହି ଫଗୁଣ

**ପ୍ରଣୀତା ମିଶ୍ର**

ଫଗୁଣଟା ଯେତେବେଳେ
କୁଆଁରୀ ଗାଲରେ ଟିପା ମାରିଦେଇଗଲା
ଫିକକିନା ହସିଦେଲି ସିନା
କଅଁଳ ସେ ବୟସରେ
ଏତେ କଥା ଜଣା ତ ନଥିଲା ।
ଫିସନ ଅପେକ୍ଷା ରହେ ଫଗୁଣକୁ
ତାର ମତୁଆଲା ପଣକୁ
କୋଇଲିର କୁହୁକୁ
ବଉଳର ବାସ୍ନାକୁ
ତାର କାଉଁରୀ ସ୍ପର୍ଶକୁ
ଆସି ପୁଣି ଫେରିଯାଏ
କିଛି କାହିଁ ହିସାବ ନଥାଏ ।
ଆସେ ମାଡି ଚଇତାଳି
ନିଦାଘର ତାତି
ଜୀବନକୁ କରେ ଅସ୍ତବ୍ୟସ୍ତ
ଝଡଝଞ୍ଜା ବତାସ
କାନ ପାଖରେ ଶୁଭେ ଫିସ୍ ଫିସ୍ ଶବ୍ଦ
ଏଇତ ଜୀବନ
କାହିଁରହୁ ଅପେକ୍ଷାରେ
କେବେ ଆସିବ ସେ ଫଗୁଣ ।
କେତେ ଦଶନ୍ଧି ବିତିଯାଏ
ଫଗୁଣ ବି ଆସେଯାଏ
ଦିଗ ଦିଶେ କୁହୁଡ଼ିଆ
ବେଳ କାହିଁ ଅନୁଭବ କରିବାକୁ
ଫଗୁଣର ବାଆ ।
ଏବେ ତ ରୁଷିଛି ଫଗୁଣ
ନ ଆସଇ ଏ ଇଲାକାକୁ
ଭାରି ଦଗାଦିଆ ହିସାବୀ ସେ
ଗଣିବସେ କେଉଁ ପଟ
ପଲା ଅଟେ ଭାରି ।
ନିଦାଘ ତ ଚିର ସହଚର
କେବେ ଜଳାଏ ପୁଣି
କେବେ ନିଜେ ଜଳୁଥାଏ
କୃଷ୍ଣଚୂଡ଼ାର ରଙ୍ଗ ରୂପରେ ତ
ପଳାଶର ଅଲୋଡ଼ା ପଣରେ ।
ଅପେକ୍ଷା ନାହିଁ ଫଗୁଣ
ଲୋଡା ନାହିଁ ତୁମର ସେ
ମତୁଆଲାପଣ
ତୁମେ ତ ସୁଖର ସାଥି
ରହିଥାଅ ମସଗୁଲ ନୂଆ ସାଥି
ନୂଆ ପ୍ରୀତିର ସନ୍ଧାନେ ।
ବ୍ୟସ୍ତ ମୁଁ ନିଜ ଦୁନିଆରେ
ଜୀବନର ସାୟାହ୍ନରେ
ଲଭିବାକୁ ବିଭୁକୃପା
ଜୀବନର କୋଣେ ଅନୁକୋଣେ ।

*ଭୁବନେଶ୍ୱର*

## ଜନନୀ

**ସୁନନ୍ଦା ମହାନ୍ତି**

ମାଆ ମାଟି ପଡି ଉଠି
ଶିଖାଏ ଧନ ନଯିବୁ ଲୋଟି
ଯୋଉଠି ଥାଆ ଡାକୁଥା ମାଆ
ଦେଖି ଆସୁଥା ମାଆ ମୁହଁ
ଯନ୍ତ୍ରଣା ଢୋକି ଓଢଣା ଢାଙ୍କି
କୋଉଠି ରଖିଛୁ କସ୍ତୁରୀ
ଦେ ଉତ୍ତର ସନ୍ତାନ ପଚାରି
ମାଆ ମୋହର କହ
କେମିତି ଜିଇଁଛୁ ଜୀବନ ତୋହର
ଦୁଃଖକୁ ଚାପି ଛାତିକୁ ମାପି
ଯେତେ ପଥର ଲଦି ଦିଅ
କୋଉଠି ଲୁଚାଇ ରଖିଛୁ ମୋହ
ମାଆ ମୋର ଥରେ କହ
କଥା ଶିଖାଇ ଭାବ ବଢେଇ
ମାତୃଭାଷାକୁ ଜନନୀ କହି
କସ୍ତୁରୀ ଥାଇ କେତେ ତୋ ଠେଇ
ମାପିଛି କିଏ ମୋହ କହ
ଛାତି ଉଷ୍ମତା ହୃଦେ ମାୟା ସାଇତା
ସବୁତ ସନ୍ତାନ ପାଇଁ
ଲୋରି ଶୁଣାଇ ପ୍ରକୃତିରୁ ଦେଖାଇ
ପ୍ରଥମ ଶିକ୍ଷୟିତ୍ରୀ ମାଆ ତୁହି
ତୋ ପଣତ ତଳେ ଅମୃତ ଢାଳେ
ସ୍ନେହ ସରାଗ ଢ଼ଳେ ଆହା
ମାଆ ତୁ ଅଟୁ ମାଆ
ନିଜ ନାଭିରେ କସ୍ତୁରୀ ରଖି
ମୃଗ କହଇ ସେ ନିରିମାଖି
ମାଆ ଆମ ସେମିତି ଜମା ନୁହଁ
ହୃଦେ ସାଇତା ମମତା ସଳିତା
କେତେ ଗପ ଗୀତରେ ଦିଅଇ ଶିକ୍ଷା
ଲୁଚାଇ ନିଜ ଆଖି ତଳ ଲୁହ
ମାଆ ପରି କେ କୁହ
ଆସୁ ବତାସ ନୋହି ହତାସ
ତା କୋଳେ ଶୋଇଯାଅ
ଯେତେ ହୁଅ ବି ବଡ଼ ଅବା ରାଇଜ ଗଡ଼
ମାଆ ପାଖେ କେବଳ ପରିଚୟ
ତା ସୁନା ପୁଅ ଓ ସୁନା ଝିଅ
ହେଉ ସେ ମାତୃଭୂମି ଅବା ମାତୃଭାଷା
କରଇ ଆହା ହୁଅଇ ସାହା
ମାଆ ମାଟିର ମୋହ
ବୁଝିଛି ଯିଏ ଯୁଝିଛି ସିଏ
କହି ମାଆ ପରି କେ କୁହ
ମାଆ ମୋହରି ସରଗ ପରୀ
ବନ୍ୟ ହରିଣୀ ନାଭିରେ ରଖି କସ୍ତୁରୀ
ପିଉଛି ଯିଏ ଲୁହ ଦେଇ ମାୟା ମୋହ
ଲୁଚାଇ ନିଜ କୋହ
ନାହିଁ ଯାହାର ଅଭିଯୋଗ କି ଅଭିମାନ
ତା ଠାରୁ ବଡ଼ ଆଉ କେ କହ ।

*ସାକ୍ଷୀଗୋପାଳ, ପୁରୀ*
*ମୋ-୯୦୪୦୯୭୭୩୨୭*

## ଦୁନିଆକୁ ଜାଣିଥାଏ ବେଶି

**ଅନସୂୟା ପଣ୍ଡା**

ଏ ଦୁନିଆକୁ ସେ ଜାଣିଥାଏ ବେଶି ବୋଲି
ଲୋକଙ୍କ କଥାର ରଡ ନିଆଁରେ
ସିଝିଥାଏ ବୋଲି
ନିଜକୁ ବୁଝେଇବା ଶିଖି ଯାଇଥାଏ ।
କିଛି ମିଛକୁ ମନରେ ବୋଳି
ତା' ଭାବନାରେ
ନିଜକୁ ସୁଖକର ଲାଗିବା ପରି
ରଙ୍ଗ ଭରେ
ଜାଣତରେ କି ଅଜାଣତରେ ଜାଣେନି
କହେ ସମସ୍ତେ ପ୍ରଶଂସକ ମୋ'ର ବୋଲି ।
ମୁଁ ହସିଲି ଏ ସବୁ ଉପର କୁହା କଥାରେ
ତୋ'ର ଖୁସି ଭାରି
ଦୁନିଆ ଯଦି ଏମିତି ସହଜ ହୋଇଥାନ୍ତା
ସମ୍ପର୍କ ହୁଅନ୍ତା କି ତାଳଗଛର ଛାଇ
ପାଦ ତଳେ ବିଛେଇ ହୋଇଥାନ୍ତା କି ଶିଉଳି
ହାତଟିଏ ବନ୍ଧୁକ ନୁହେଁ
ଧରୁଥାନ୍ତା ପିଚିକାରୀ
ଖୁସିର ରଙ୍ଗ ଭରି ।

*ଭୁବନେଶ୍ୱର*
*ମୋ-୯୪୩୯୨୧୧୯୭୧*

## ତୁମେ ନୀରବଧି ଅଖଣ୍ଡ ପ୍ରବାହ

**କୁନଲତା ତ୍ରିପାଠୀ**

ତୁମେ ନୀରବଧି ଅଖଣ୍ଡ ପ୍ରବାହ ନିର୍ବାକ ନିର୍ବିକାର
ଚିନ୍ତା ଚେତନା ଯା ଛୁଇଁ ନପାରଇ
ଭାବନାର ଆରପାର ।
ତୁମ ନୀରବତା ପ୍ରଗଲ୍ଭ କରଇ ଅନ୍ଧ ଅହମିକା ଜାଗୀ
ଅବୋଧ ମନୁଷ୍ୟ ମୃତ୍ୟୁର ଫାଟକେ ଜୀବନକୁ ଥାଏ ଖୋଜି
ସୃଷ୍ଟିର ଯେତେ ଅମୃତ ସବୁ ନୀଳ ଜଳଦର ଧାରେ
ବର୍ଷାଶିକ୍ତ କରେ ଏ ମାଟି ମାଆକୁ
ମଧୁରେ ପ୍ରାଣ ସଞ୍ଚାରେ
ବିଷ ଉଦଗାରୀ ଏ ମଣିଷ ସମାଜ
କରେ ତାକୁ ପ୍ରଦୂଷିତ
ରଣ ହୁଁକାରର ତାଣ୍ଡବ ନୃତ୍ୟେ
ଶୁଭୁଥାଏ ଅବିରତ
ଧରଣୀ ଧାରଣ କରବାର ଧୈର୍ଯ୍ୟ
ଦିନକୁ ଦିନ ପତଳା
ସହନଶୀଳତା ସୁପ୍ତ ହେଉଥାଏ



ଶକ୍ତିର ଅବହେଳା
ବାରୁଦ ଗଦାରେ ଛିଡା ହୋଇ ଆମେ
ନିଆଁକୁ ନିମନ୍ତ୍ରୁ ଥାଉ
ସୁନ୍ଦର ସୃଷ୍ଟିକୁ ବିକଳାଙ୍ଗ କରି କେଉଁ ସୁଖ ଅବା ପାଉ
ପବନ ହେଉଛି ପ୍ରତିକ୍ରିୟାଶୀଳ
ମାଟି ମାଆ ମଥା କୋଡେ
ଦେଶ ବିଦେଶର ଦ୍ୱାହି ଦେଇ ଆଜି
ସଂସାର କେତେ ଉଜୁଡେ
ଅନ୍ଧ ଅହଂମିକା ଆବରଣ ଦେଇ ସତ୍ୟକୁ ଲୁଚାଉ ଥାଏ
ଉପଭୋଗ ପାଇଁ ମାନସିକତାରେ ଉପଯୋଗ ଭୁଲିଯାଏ
ନୀରବ କାହିଁକି ହେ ସ୍ରଷ୍ଟା ପୁରୁଷ
ଆଜି ଅବତରି ଆସ
ସଦଭାବନା ଦେଇ ଏ ମଣିଷ ଜାତି ମୁଖରେ ଫୁଟାଅ ହସ ।

*କଟକ*
*ମୋ-୮୩୩୯୦୫୧୧୭୩*

## ଏ ଦୁନିଆର ରଂଗ କିପରି ?

**ସୁଶୀଲ କୁମାର ପାଣିଗ୍ରାହୀ**



ଅଙ୍କୁରିତ ବୀଜକୁ
ଏବେ ଏ ପ୍ରଶ୍ନ ଅବାନ୍ତର
ସଦ୍ୟ ପ୍ରସ୍ଫୁଟିତ ଫୁଲ ପାଖରେ
କେତେ ଆଲୋକିତ ମୁହୂର୍ତ୍ତ ଯେ
ଉତ୍ତର ଦେଇପାରିବ
ସେ ତ କହିବ ଏ ପୃଥିବୀ
ଏକ ସୁନ୍ଦର ପ୍ରେମଗୀତ
ଆକାଶ ପରି ନୀଳ
ପତ୍ର ପରି ସବୁଜ
କିରଣ ପରି ସୁବର୍ଣ୍ଣ ରଂଗର ...
ଥୁଣ୍ଟା ଗଛକୁ ପଚାର
ଯିଏ ବିତାଇ ସାରିଛି
ଅନେକ ପତ୍ରଝରା ଋତୁ
ସବୁ ସ୍ୱରରେ
ପାଇସାରିଛି ବି
ତା ଜୀବନର ଗୀତ
ଜାଣେ ସେ
ପତର ଝରିଯିବା ଓ
ନବପତ୍ରକୁ
ସ୍ୱାଗତ କରିବା ଭିତରେ ଥିବା
ସମୟର ରଂଗ ।

*କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ୍-୨୦୩, ବ୍ଲକ-ସି, ସମ୍ବଲପୁର-୨*
*ଫୋନ୍-୮୧୪୪୨୨୮୨୦୨*

## ହେ ଫଗୁଣ ତୁମେ

**ବେଣୁଧର ସୂତାର**

ଫଗୁଭରା ମଧୁ ଯାମିନୀରେ
ମଧୁଝରା ଜ୍ୟୋସ୍ନାର ପ୍ଲାବନ
ଏ ଧରା ଅଙ୍ଗନେ ଚାରୁଚିତ୍ରମୟ
ବର୍ଣ୍ଣମାଳାର ବିଭୋର ଚୁମ୍ବନ
ଅନୁପମ ପ୍ରକୃତିସୁଷମା ବିନ୍ୟାସ
ଜ୍ୟୋସ୍ନାଭିଜା ଏଇ ଫୁଲ ଫଗୁଣର
ପୁଲକିତ ମହକ ମାଦକେ
ମୃଦୁ ମଳୟର ଅମିୟ ଆଶ୍ଳେଷ
ଏଧରା ପ୍ରକୃତିର କୋଳେ ଅବା
ଋତୁରାଜ ବସନ୍ତର ଅମିୟ ପରଶ ॥
ରୂପର ରୋଶଣି ଜଳେ
ପ୍ରେମ ପ୍ରୀତି ସୁଧା ଛଳେ
ନବ ମଧୁକାଳ ଦିବ୍ୟମୟ ସ୍ପର୍ଶ
ପୁଲକିତ ତାରୁଣ୍ୟ କୋମଳେ
ସ୍ୱପ୍ନ ଭରା ଫୁଲବନେ
ନବ ଆଶା ଜାଗେ ମନେ
ଲାବଣ୍ୟ ଲଳିତ ଲାସ୍ୟେ
କୋଟି ସୌନ୍ଦର୍ଯ୍ୟର କାୟା
ଆହାକି ରୁଚିର ଚମକଭରା ତୃପ୍ତିର
ବାସନ୍ତୀକ ଫଗୁଣର ମୟା
ଗାଏ ପ୍ରୀତି ସ୍ୱାଗତ ଗୀତିକା
ପରଭୃତ ନିକୁଞ୍ଜ କାନନେ ॥

ଭାବରେ ତଲ୍ଲୀନ ହୁଏ ତନୁମନ
ବୟସରେ ତାରୁଣ୍ୟର ଚପଳାମି
ବସନ୍ତର ବିଭୋରିତ ଗୀତିଛନ୍ଦେ
ନୟନରେ ସ୍ୱପ୍ନ ଯାଏ ଚୁମି
ସୌମ୍ୟ ଶାନ୍ତ ଧରିତ୍ରୀ ବକ୍ଷରେ
ଫୁଲେ ଫୁଲେ ରୂପ ରଙ୍ଗ ସଭା
ଏଧରା ଧୂଳିର ମଧୁ ସ୍ପର୍ଶ ଘେନି
ସୌଭାଗ୍ୟବତୀ ପ୍ରକୃତି ରଚଇ
ଧରା ବକ୍ଷେ ଅନୁପମ ବିଭା ॥

ବସନ୍ତ ବାସରେ ପବିତ୍ର ଆସରେ
ରଙ୍ଗ ଫଗୁଣର ମକରନ୍ଦ ବୋଳି
ଝରା ବଉଳର ମହକ ସମ୍ଭାରେ
ଛୁଇଁ ଛୁଇଁ ଯାଏ ଚଇତାଳି
ରଙ୍ଗ ରସ ସମାହାର ଭରା
ଏ ସୃଷ୍ଟିର ଦିବ୍ୟ ରୂପାନ୍ତର
କାନ୍ତି ମାଧୁର୍ଯ୍ୟର ଅମୃତମୟ ଧାରା
ପରିତୃପ୍ତିର ପରମ ସ୍ୱାକ୍ଷର
ପରିବ୍ୟାପ୍ତ ପ୍ରକୃତିର ଲଳିତ ବିସ୍ତାର
ଯୁଗ ଯୁଗାନ୍ତର ଏ ଧରା ବକ୍ଷରେ
ବସନ୍ତର ଭବ୍ୟ ଉପହାର ॥

ରୂପ ମଧୁ ବିଳାସ ବାସରେ
ଅୟି ଶୋଭାମୟୀ ପ୍ରକୃତି ସୁନ୍ଦରୀ
ପ୍ରେମ ପୀରତିର ମାଙ୍ଗଳିକ ସୁରେ
ପ୍ରୀତିଛନ୍ଦେ ନାଚେ ପ୍ରଣୟ ବଲ୍ଲରୀ
ବିଶ୍ୱ ମଧୁମୟ ଛନ୍ଦର ଝଙ୍କାରେ
ସମ୍ପର୍କର ସୁଧା ବର୍ଷେ ଚାରୁ ଚଇତାଳି
ଅମିୟ ଆଧାର ତୁମେ ହେ ଫଗୁଣ
ରସରଙ୍ଗ ଛନ୍ଦସୁର ଋତୁର କାକଳି ॥

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

## ନିଜ ନିଜ ଦୁଃଖ ...



ଦେବସ୍ମିତା ବେହେରା



ଟିଭିରେ ଚାଲିଥିଲା ସିରିଏଲ୍ କାହାନୀ ଘର୍ ଘର୍‌କି । ସେଥିରେ ଚାଲିଥିବା ଗୋଟିଏ ମାର୍ମିକ ଦୃଶ୍ୟରେ ହଜିଯାଇଥିଲା ବେବି । ଆଉ ସିରିଏଲ୍‌ର ପାତ୍ରଙ୍କର ପୀଡା ଲୁହ ହୋଇ ବୋହି ଚାଲିଥିଲା ତା' ଆଖିରୁ ।

'ତୁମେ କେବେଠୁ ଏତେ ସମ୍ବେଦନଶୀଳ ହେଲଣି ମା' ? ଅଚାନକ୍ ପୁଅ ଡାକରେ ସେ ବାସ୍ତବ ଦୁନିଆକୁ ଫେରି ଆସିଲା । ପୁଅର ପ୍ରଶ୍ନ ସଫା ସଫା ତା' ଉପରେ କଠୋର ହେବାର ଆରୋପ ଲଗାଉଥିଲା । ତାକୁ ଖରାପ ଲାଗିଲା ବହୁତ ଆଉ ସେ ପୁଣି ଥରେ ଜୋର୍‌ରେ କାନ୍ଦିବାକୁ ଲାଗିଲା' ।

କ'ଣ ହେଲା ମା' ? ତୁମେ ଏତେ କାହିଁକି କାନ୍ଦୁଛ ? ଆଶ୍ଚର୍ଯ୍ୟ ହେଇ ପଚାରିଲା ସୋନୁ ।

' କିଛି ନାହିଁ.. ଏମିତି କାନ୍ଦୁଛି', କହି ତରତର ହୋଇ ଆଖିର ଲୁହକୁ ପୋଛିବାର ଉପକ୍ରମ କରୁ କରୁ ସାନୁକୁ ଭ୍ରମିତ କରିବା ପାଇଁ ଅସଫଳ ପ୍ରୟାସ କରୁଥିଲା ବେବି । କାହିଁକିନା ଆଖିର ଅମାନିଆ ଲୁହଧାର ଖରଝର ହୋଇ ବୋହିବା ପାଇଁ ଥିଲେ ତତ୍‌ପର । ଯେଉଁ ଦୁର୍ବଳତାକୁ ସେ ନିଜ ଛୁଆଙ୍କଠୁ ଲୁଚେଇ ଆସିଥିଲା ତାହା ଧରା ପଡିଯାଇଥିଲା ଆଜି ।

ନା'..ମା' ! କିଛି ତ ଅଛି, ଯେଉଁଥିରେ ତୁମେ ଆହତ ହେଇ ମୋ କଥା ଶୁଣି । ବେବିର ହାତକୁ ନିଜ ହାତରେ ଧରି ପଚାରିଲା ସୋନୁ ।

'ନା'ରେ ବାଇଆ.. ସେମିତି କିଛି ନାହିଁ । ଏହି ସିରିଏଲ୍ ଭାବୁକ କରିଦେଲା ମୋତେ' ।

'କେବଳ ସିରିଏଲ୍ ଦେଖିକରି ଏତେ କାନ୍ଦ..ନା' ! ଆଉ କିଛି କଥା ଅଛି ନିଶ୍ଚୟ ଯା' ପଛରେ ? କୁହନା ମା'.. ମୁଁ ଆଗରୁ କେବେ ତୁମକୁ ଏମିତି ଭାବରେ କାନ୍ଦିବା ଦେଖିନାହିଁ । ସୋନୁ ଅଟଳ ଥିଲା ନିଜ ଜିଦ୍‌ରେ ।

ଦେଖୁଥାନ୍ତୁ ଅବା କେମିତି ? ମୁଁ ଏମିତି ସୁଯୋଗ ଦେଇନାହିଁ କେବେବି, ତତେ କ'ଣ, କାହାକୁ ବି ଦେଇନାହିଁ ।

'କାହିଁକି ମା' ? କାହିଁକି ଆଖିର ଲୁହକୁ ଛାତି ତଳେ ଚାପି ରଖିଥିଲ ଏତେ ବର୍ଷ.. ? ଏମିତି କ'ଣ ମଜବୁରୀ ଥିଲା ତୁମର' ? ସମୟର ମାଡ ହିଁ ମୋତେ ବାଧ୍ୟ କରିଥିଲାରେ ପୁଅ ଆଖିର ଲୁହକୁ ଦୁନିଆ ଆଖିରୁ ଲୁଚେଇବା ପାଇଁ । ବହୁତ କିଛି ଶିଖେଇ ଦିଏ ଜୀବନ ଆଉ ମଣିଷ ତ ସମୟ ହାତର ଗୋଟିଏ ଖେଳଣା ମାତ୍ର । ତାକୁ ସେଇଆ କରିବାକୁ ପଡେ ଯାହା ସମୟ ଚାହିଁଥାଏ, ଦୀର୍ଘଶ୍ୱାସ ନେଇ କହିଲା ବେବି ।

'ତୁମକୁ ତ ସମସ୍ତେ ଆଇରନ୍ ଲେଡି କହନ୍ତି, ତା'ମାନେ ତୁମକୁ ଲୁହା ଭଳି ଶକ୍ତ ସମୟ ବନେଇ ଦେଇଛି । ହେଲେ ଆଜି ଏହି ଆଇରନ୍ ଲେଡିଙ୍କ ଆଖିରେ ଲୁହ.. ବିନା କାରଣରେ ତ ଆସିବନି । ଆଜି ତୁମକୁ ସବୁ କଥା ଖୋଲି କରି ମୋତେ କହିବାକୁ ହିଁ ପଡିବ ମା' ।'

ବେବି ଟିକିଏ ଚିଡିଯାଇ କହିଲା, 'ଓହୋ.. କାହିଁକି ମୋ ପଛରେ ପଡିଛୁ କହିଲୁ ? କ'ଣଟା ଜାଣିବାକୁ ଚାହୁଁଛୁ ତୁ ? ସେ ବେକାର ଜିଦ୍ ମୋ ଆଗରେ କରନା..ବୁଝିଲୁ !'

'ନା'.. ମା', ମୋତେ ଆରମ୍ଭରୁ କୁହ । ମୁଁ ସବୁ ଜାଣିବାକୁ ଚାହୁଁଛି..ଆଜି ଆଉ ଏଇ ମୁହୂର୍ତ୍ତରେ' । ତୁମେ ମୋତେ ଆଉ ବାଁଆରାଅ ନାହିଁ, କହିଲା ସୋନୁ ।

ପୁଅର ଜିଦ୍ ଆଗରେ ନଇଁବାକୁ ପଡିଲା ବେବିକୁ । ସେ ଲମ୍ବା ନିଃଶ୍ୱାସଟିଏ ନେଇ କହିବାକୁ ଆରମ୍ଭ କଲା, ମୁଁ ଯେତେବେଳେ ସାନ ଥିଲି, ସେତେବେଳେ ମୋ ମା'-ବାପାଙ୍କର ଏକମାତ୍ର ସନ୍ତାନ ଥିଲି ମୁଁ । ମୋତେ ମୋ ବାପା-ମା' ବହୁତ ଗେହ୍ଲାରେ ପାଳିଥିଲେ । ମୁଁ ଥିଲି ବହୁତ କୋମଳ ହୃଦୟର । କାହାର ଦୁଃଖ ଟିକିଏ ଦେଖିଲା ମାତ୍ରେ କାନ୍ଦି ପକାଉଥିଲି ସାଙ୍ଗେ ସାଙ୍ଗେ । ସମସ୍ତେ ମୋତେ ମହମର କଣ୍ଢେଇ ନାଁ ଦେଇଥିଲେ । ଧୀରେ ଧୀରେ ମୁଁ ବଡ ହେଲି ଆଉ ତା'ପରେ ତୋ ବାପାଙ୍କ ସହିତ ମୋର ବିବାହ ହେଲା । ବିବାହ ପରେ ଆନନ୍ଦରେ କଟିଗଲା ଛଅ ବର୍ଷ । ଆଉ ତା'ପରେ ଦିନେ ଅଚାନକ୍ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ହେଇଗଲା ତୋ ବାପାଙ୍କର.. ! ତା' ପରେ.. ?

ସେତେବେଳେ ତୁ ଆଉ ସୋନିଆ ବହୁତ ଛୋଟ ଥିଲ । ଆଉ ମୁଁ ଏତେ ବଡ ଦୁନିଆରେ ରହିଯାଇଥିଲି ଏକୁଟିଆ । କୋଳରେ ଦୁଇଟି ଛୋଟ ଛୁଆଙ୍କୁ ନେଇ । ମୋତେ ଅନ୍ଧାର ଦେଖାଯାଉଥିଲା ଚାରିଆଡେ । ଜଣେ ଏକୁଟିଆ ସ୍ତ୍ରୀଲୋକକୁ ଏ ସମାଜ ଶାନ୍ତିରେ ରହିବାକୁ ଦିଏନିରେ ପୁଅ । ତୋ ଦାଦା ଆଉ ଜେଜେବାପା, ବାପାଙ୍କ ମୃତ୍ୟୁ ପରର କ୍ଷତି ପୂରଣକୁ ନେଇଗଲେ ଚଞ୍ଚକତା କରି । ଆର୍ଥିକ ରୂପରେ ମୁଁ ପୁରା ଦୁର୍ବଳ ହେଇଯାଇଥିଲି । ସବୁ ବନ୍ଧୁବାନ୍ଧବ ଧୀରେ ଧୀରେ ମୁହଁ ବୁଲେଇ ନେଲେ । ମୋ ମା'-ବାପା କାଳେ ମୋ ଦୁଃଖ ଦେଖିଲେ ଆହୁରି ଭାଙ୍ଗିପଡିବେ ତେଣୁ ତାଙ୍କ ଆଗରେ ନିଜ ଦୁଃଖକୁ ଲୁଚେଇ ମୁଁ ହସୁଥିଲି ସବୁବେଳେ । ଯେତେବେଳେ ଅମାନିଆ ଲୁହ ଧାର ଆଖିରୁ ଝରିବାକୁ ବ୍ୟସ୍ତ ହେଇଯାଆନ୍ତି ସେତେବେଳେ ମୁଁ ବାଥରୁମ୍‌କୁ ଚାଲିଯାଏ ଆଉ ମନ ଭରି କାନ୍ଦେ । ହେଲେ.. ନିଜ ଆଖିର ଲୁହକୁ କେବେବି ମୁଁ ଦେଖାଇନି କାହା ଆଗରେ ।

'ଓହୋ.. ସେଥିପାଇଁ ମୁଁ ହଷ୍ଟେଲ୍ ଗଲାବେଳେ ମୋତେ ବାଏ କହିସାରିବା ମାତ୍ରେ ତୁମେ ମୁହଁ ବୁଲେଇ ନେଉଥିଲ, ଆଉ ମୁଁ.. ଜଣାନାହିଁ କେତେ କ'ଣ ଭାବୁଥିଲି ତୁମ ବିଷୟରେ' ।

'କ'ଣ ଆଉ କରିଥାନ୍ତି, ମୋ ଆଖିର ଲୁହକୁ ଦେଖିଲେ କାଳେ ତୁ ଦୁର୍ବଳ ହେଇଯିବୁ । ମୋତେ ଛାଡି ଯିବାକୁ ଚାହିଁବୁନି.. ତୋ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଚିନ୍ତା କରି ମୁଁ ପଥର ଲଦି ଦେଲି ମୋ ଛାତି ଉପରେ' । ଯାହାଫଳରେ ତୁ ହଷ୍ଟେଲ୍‌ରେ ଘରର ଆଉ ମୋର ଚିନ୍ତା ନକରି ମନ ଧ୍ୟାନ ଦେଇ ପାଠ ପଢିପାରିବୁ ।

ମା' ତମେ ଏତେ ସବୁ କଷ୍ଟ ଚୁପ୍‌ଚାପ୍ ସହୁଥିଲ । ଆଜି ଯାଏଁ ମୋତେ କି ସୋନିଆକୁ ତୁମ ଦୁଃଖର କଷ୍ଟର ଛାୟା ସ୍ପର୍ଶ ମଧ୍ୟ କରିପାରିଲାନାହିଁ । ଭିତରୁ ତୁମେ ଏତେ କୋମଳ ଅଥଚ ବାହାରୁ ସବୁବେଳେ ନିଜକୁ ଟାଣ ଆଉ ଶକ୍ତ ଦେଖାଉଥିଲ । ସୋନୁର ଆଖି ଲୁହ ଛଳ ଛଳ ହେଇଗଲା ।

ବେବି ନିଜ ହାତ ପାପୁଲିରେ ସୋନୁର ଚେହେରାକୁ ଧରି ଅଶ୍ରୁ ମିଶ୍ରିତ ହସ ଧାରେ ଚେହେରାରେ ଖେଳାଇ କହିଲା, 'ମୋତେ ତ ଆଜି ଜଣାପଡିଲା କି ଇମୋସନାଲ୍ ଦେଖେଇ ହେବା ପାଇଁ ସମସ୍ତଙ୍କ ସାମ୍ନାରେ କାନ୍ଦିବା ହେଉଛି ନିହାତି ଜରୁରୀ' । 'ମା', ମୁଁ ଆଜି ତୁମକୁ ବହୁତ କଷ୍ଟ ଦେଇଛି ନା' ? ବେବିର ହାତ ପାପୁଲି ଉପରେ ନିଜର ହାତର ପାପୁଲିକୁ ରଖି ଦେଇ ସୋନୁ କହିଲା' ।

'ଏଥିରେ ତୋ'ର କିଛି ଦୋଷ ନାହିଁରେ ପୁଅ, ପ୍ରକୃତରେ ଏହା ହେଉଛି ପୁରୁଷଙ୍କ ସ୍ୱଭାବ । କାହିଁକିନା ଖାଲି ପୁରୁଷ କାହିଁକି ଆମର ଏହି ସମାଜକୁ ମଧ୍ୟ କାନ୍ଦୁରୀ, ଅସହାୟ ସ୍ତ୍ରୀଲୋକଙ୍କୁ ଦେଖିବାକୁ ଭଲ ଲାଗେ । ଧାରାରୁ ବିପରୀତ ଦିଗରେ ଚାଲୁଥିବା ସ୍ତ୍ରୀଲୋକଙ୍କ ଉପରେ ପ୍ରଶ୍ନଚିହ୍ନ ଲଗାଏ ଏହି ସମାଜ' ।

'ହ୍ୟାଟ୍ସ ଅଫ୍ ଟୁ ୟୁ ମା', ତୁମେ ହିଁ ଆମର ଆଦର୍ଶ । ଆଗରୁ ବି ଥିଲ ଆଉ ଆଗକୁ ମଧ୍ୟ ରହିବ କହି ଖୁସିରେ ସୋନୁ କୁଣ୍ଢେଇ ପକେଇଲା ବେବିକୁ ।

*ଫ୍ଲାଟ୍ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨*

# ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସଂଜୁ ସାମସନ୍



**ମୁମ୍ବାଇ**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ଏକମାତ୍ର ଭାରତୀୟ ଖେଳାଳିଭାବେ ସଂଜୁ ସାମସନ୍ ସ୍ଥାନ ପାଇଛନ୍ତି। ଆଇସିସିର ସୂଚନା ଅନୁସାରେ ଏହି ଦୌଡ଼ରେ ମୋଟ ଆଠଜଣ ଖେଳାଳି ଅଛନ୍ତି, ସେମାନେ ହେଲେ ଇଂଲଣ୍ଡର ଅଲ୍‌ରାଉଣ୍ଡର ୱିଲ୍ ଜାକ୍ସ, ପାକିସ୍ତାନୀ ଓପନର ସାହିବଜାଦା ଫରହାନ୍, ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଲୁଙ୍ଗି ଏନଗିଡି, ଦକ୍ଷିଣ ଆଫ୍ରିକା ଅଧିନାୟକ ଐଦେନ ମାର୍କରାମ୍, ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ରାଚିନ ରବୀନ୍ଦ୍ର, ୱିକେଟ୍ ରକ୍ଷକ ଟିମ୍ ସେଫର୍ଟ, ୟୁଏସଏର ଦ୍ରୁତ ବୋଲର ସାଡଲେ ଭାନ୍ ସାଲ୍‌କ୍ୱାଇକ୍।

ସଂଜୁ ଚଳିତ ବିଶ୍ୱକପ୍‌ର ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକରେ ଖେଳିନଥିଲେ। ତେବେ ଓପନର ଅଭିଷେକ ଶର୍ମା ଅସୁସ୍ଥ ହେବା ପରେ ସେ ନାମିବିଆ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ସାମିଲ କରାଯାଇଥିଲା। ପରେ ଅଭିଷେକ ବିଫଳ ହେବା ଓ ଓପନିଂରେ ଜଣେ ଡାହାଣହାତି ବ୍ୟାଟରଙ୍କ ଅବଶ୍ୟକତା ଅନୁଭୂତ ହେବା ପରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା।

ସୁପର-୮ ମ୍ୟାଚ୍‌ରେ ସେ ଚମତ୍କାର ଖେଳ ପ୍ରଦର୍ଶନ କରି ଦୁଇଟି ଲଗାତାର ମ୍ୟାଚ ବିଜୟୀ ପାଳି ଖେଳି ଭାରତକୁ ଫାଇନାଲ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଳିତ ବିଶ୍ୱକପ୍‌ରେ ସେ ଏପର୍ଯ୍ୟନ୍ତ ମୋଟ ୨୩୨ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯୭ ରନ୍ (୫୦ ବଲ୍) ଓ ଇଂଲଣ୍ଡ ବିପକ୍ଷରେ ୮୯ ରନ (୪୨ ବଲ୍)ର ପାଳି ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ ଇଂଲଣ୍ଡର ୱିଲ୍ ଜାକ୍ସ ଚଳିତ ବିଶ୍ୱକପ୍‌ରେ ୮ଟି ମ୍ୟାଚ୍ ଖେଳି ୨୨୬ ରନ୍ କରିବା ସହ ୯ଟି ୱିକେଟ୍ ନେଇଛନ୍ତି। ସେହିପରି ସାହିବଜାଦା ଫରହାନ୍ ୩୮୩ ରନ୍ କରି ଗୋଟିଏ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଲୁଙ୍ଗି ଏନଗିଡି ଚଳିତ ବିଶ୍ୱକପ୍‌ରେ ମୋଟ ୧୨ଟି ୱିକେଟ୍ ନେଇଥିବାବେଳେ ମାର୍କରାମ୍ ୨୮୬ ରନ୍ କରିବା ସହ ଗୋଟିଏ ୱିକେଟ୍ ନେଇଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଟିମ୍ ସେଇଫର୍ଟ ତିନିଟି ଅର୍ଦ୍ଧଶତକ ସହ ମୋଟ ୨୭୪ ରନ୍ କରିଛନ୍ତି।

# ପର୍ଥ ଟେଷ୍ଟ୍ : ଭାରତ ୧୯୮ ରନ୍‌ରେ ଅଲ୍‌ଆଉଟ୍

**ପର୍ଥ**

ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ଶୁକ୍ରବାରଠାରୁ ପର୍ଥରେ ଆରମ୍ଭ ହୋଇଥିବା ଏକମାତ୍ର ଟେଷ୍ଟର ପ୍ରଥମ ଦିନରେ ଭ୍ରମଣକାରୀ ଦଳ ପ୍ରଥମ ପାଳିରେ ୧୯୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଏହାର ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୩ଟି ୱିକେଟ୍ ହରାଇ ୯୬ ରନ୍ କରିଛି।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଆରମ୍ଭରୁ ସ୍ମୃତି ମାନ୍ଧାନାଙ୍କ ୱିକେଟ୍ ହରାଇଥିଲା। ତେବେ ଶେଫାଳି ବର୍ମା (୩୫ ରନ୍) ଓ ପ୍ରତିକା ରାୱଲ(୧୮ରନ୍) ୩୫ ରନ୍‌ର ଏକ ଭାଗୀଦାର କରି ସ୍ଥିତିକୁ ସମ୍ଭାଳିଥିଲେ। ପରେ ଜେମିମା ରୋଡ୍ରିଗ୍ସ ଏକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ହରମନପ୍ରିତ କୌର (୧୯ରନ୍) ଓ ରିଚା ଘୋଷଙ୍କ ସହ ଦୁଇଟି ଉପଯୋଗୀ ଭାଗୀଦାର କରିଥିଲେ। ମାତ୍ର ଜେମିମା ଆଉଟ୍ ହେବା ପରେ ଭାରତୀୟ ମଧ୍ୟକ୍ରମ ବିଫଳ ହୋଇଥିଲା। ତେବେ ୯ ନମ୍ବରରେ ଆସିଥିବା କାସ୍‌ଭୀ ଗୌତମ୍ ଅପରାଜିତ ୩୮ ରନ୍‌ର ପାଳି ଖେଳି ସ୍କୋରକୁ ୧୯୮ରେ ପହଞ୍ଚାଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ୍ ସଦରଲାଣ୍ଡ ୪ଟି ଓ ଲୁସି ହାମିଲଟନ୍ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୩ଟି ୱିକେଟ୍ ହରାଇ ୯୬ ରନ୍ କରିଛି। ଦଳର ଦୁଇ ଓପନର ଜର୍ଜିଆ ଭଲ୍ ଓ ଫୋବେ ଲିଚ୍‌ଫିଲଡ୍ ଶସ୍ତାରେ ପାଭିଲିୟନ୍ ଫେରିବା ପରେ ଏଲିସେ ପେରି (୪୩) ଓ ଆନାବେଲ୍ ସଦରଲାଣ୍ଡ୍ (୨୦) ପାଳିକୁ ସମ୍ଭାଳିଥିଲେ। ଭାରତ ପକ୍ଷରୁ ସୟାଲି ସାତଘରେ ୨ଟି ଓ କ୍ରାନ୍ତି ଗୌଡ଼ ଗୋଟିଏ ୱିକେଟ୍ ନେଇଛନ୍ତି।

ସଂକ୍ଷିପ୍ତ ସ୍କୋର : ଭାରତ ପ୍ରଥମ ପାଳି :୬୨.୪ ଓଭରରେ ୧୯୮/୧୦ ( ଜେମିମା ରୋଡ୍ରିଗ୍ସ ୫୨, ଶେଫାଳି ବର୍ମା ୩୫, କାସ୍‌ଭୀ ଗୌତମ୍ ୩୮, ଆନାବେଲ୍ ସଦରଲାଣ୍ଡ୍ ୪/୪୬, ଲୁସି ହାମିଲଟନ୍ ୩/୩୧)। ଅଷ୍ଟ୍ରେଲିଆ ପ୍ରଥମ ପାଳି: ୨୭ ଓଭରରେ ୯୬/୩ (ଏଲିସେ ପେରି ୪୩, ଆନାବେଲ୍ ସଦରଲାଣ୍ଡ୍ ୨୦, ସୟାଲି ସାତଘରେ ୨/୨୪, କ୍ରାନ୍ତି ଗୌଡ଼ ୧/୨୮ )।

# ବୁମ୍‌ରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଉତ୍ସର୍ଗ କଲେ ସଞ୍ଜୁ ସାମସନ



**ମୁମ୍ବାଇ**

ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ବୋଲରଙ୍କ ଉପଯୋଗୀ ଅବଦାନ ବଳରେ ଭାରତ ଗୁରୁବାର ଅନୁଷ୍ଠିତ ଟି୨୦ ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୭ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷେ ମ୍ୟାଚ୍‌ରେ ଠିକଣା ସମୟରେ ଘାତକ ବୋଲିଂ କରି ପ୍ରତିପକ୍ଷ ବ୍ୟାଟରଙ୍କୁ ବଡ଼ ସଟ୍ ଖେଳିବାରୁ ରୋକିଥିବା ଯଶପ୍ରୀତ ବୁମ୍‌ରାଙ୍କ ଲାଗି ସଞ୍ଜୁ ସାମସନ ତାଙ୍କ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଉତ୍ସର୍ଗ କରିଛନ୍ତି। ସମସ୍ତ ଶ୍ରେୟର ଅଧିକାରୀ। ମୋ ମତରେ ସେ ଜଣେ ବିଶ୍ୱସ୍ତରୀୟ ବୋଲର ଓ ଏକ ପିଢ଼ିରେ ଥରେ ସୃଷ୍ଟି ହେଉଥିବା ଜଣେ ଅସଲ ଖେଳାଳି। ସେ ମ୍ୟାଚ୍‌ରେ ଯେଉଁଭଳି ବୋଲିଂ କରିଥିଲେ, ସେଥିଲାଗି ସେ ଏହି ପୁରସ୍କାରର ହକ୍‌ଦାର। ଯଦି ଡେଥ୍ ଓଭରରେ ସେ ଉଚିତ ଲାଇନରେ ବୋଲିଂ କରି ନ ଥାନ୍ତେ, ମୁଁ ଏଠାରେ ନ ଥାନ୍ତି। ଏଣୁ ସମସ୍ତ ଶ୍ରେୟ ବୋଲରଙ୍କୁ ଦିଆଯିବା ଦରକାର ବୋଲି ସାମସନ କହିଛନ୍ତି। ଏହାବାଦ ସେ ତାଙ୍କ ବ୍ୟାଟିଂ ସମ୍ପର୍କରେ କହିଛନ୍ତି, ଅବିଶ୍ୱସନୀୟ ଅନୁଭବ ହେଉଛି। ଆମେ ଏଠାରେ ଜିତିବାକୁ ଚାହୁଁଥିଲୁ। ଗତ ମ୍ୟାଚ୍‌ରେ ମୁଁ ମୋ ଫର୍ମ ଫେରିପାଇଥିଲି। ନିଜ ଫର୍ମର ଅଧିକରୁ ଅଧିକ ଫାଇଦା ଉଠାଇବାକୁ ଚାହୁଁଥିଲି। ଏଥିଯୋଗୁ ନିଜକୁ ଅତିରିକ୍ତ ସମୟ ଦେଇଥିଲି। ମୁଁ କାଲକ୍ୟୁଲେଟ ଇନିଂସ ଗଢ଼ିଥିଲି। ଇନିଂସ ଆରମ୍ଭରୁ ମୋତେ ଭାଗ୍ୟ ସାଥ ଦେଇଥିଲା। ଆମକୁ ଜଣାଥିଲା ଯେ, ଏଠାରେ କୌଣସି ସ୍କୋର ସୁରକ୍ଷିତ ନୁହେଁ। ଏଣୁ ଆମେ ଯଥା ସମ୍ଭବ ଅଧିକରୁ ଅଧିକ ସ୍କୋର କରିବାକୁ ଚାହୁଁଥିଲୁ। ଏପରିକି ଏଠାରେ ୨୫୦ ଟାର୍ଗେଟ ମଧ୍ୟ ହାସଲ କରି ହେବ। ଇଂଲଣ୍ଡ ଖୁବ୍ ଭଲ ଖେଳିଲା।

# ଅଭିଷେକ ଶର୍ମା ହେବେ ‘ପ୍ଲେୟାର ଅଫ ଦି ମ୍ୟାଚ’ : ସଞ୍ଜୁ



**ନୂଆଦିଲ୍ଲୀ**

ଟ୍ୱେଣ୍ଟି ଟ୍ୱେଣ୍ଟି ବିଶ୍ୱକପ୍‌ର ଗ୍ରାଣ୍ଡ ଫାଇନାଲ ମୁକାବିଲା ମାର୍ଚ୍ଚ ୮ ତାରିଖରେ ଖେଳାଯିବ। ଗୁଜରାଟର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମୁହାଁମୁହିଁ ହେବେ ଟିମ୍ ଇଣ୍ଡିଆ ଏବଂ ନ୍ୟୁଜିଲାଣ୍ଡ। ସେମି ଫାଇନାଲର କଡ଼ା ଟକ୍କରରେ ଇଂଲଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଛି ଭାରତୀୟ ଦଳ। ତଥାପି ଏହି ମ୍ୟାଚ୍ ପୂର୍ବରୁ, ଭାରତୀୟ ଓପନର ସଞ୍ଜୁ ସାମସନ ଏମିତି ଜଣେ ଖେଳାଳିଙ୍କ ବିଷୟରେ କହିଛନ୍ତି ଯିଏ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହେବେ। ହେଲେ ଏହି ଖେଳାଳି ବର୍ତ୍ତମାନ ଟୁର୍ଣ୍ଣାମେଣ୍ଟରେ ସଂଘର୍ଷ କରୁଛନ୍ତି। କିନ୍ତୁ ପୂର୍ବତନ ଆରଆର ଅଧିନାୟକ ବିଶ୍ୱାସ କରନ୍ତି ଯେ ଏହି ଖେଳାଳି ନ୍ୟୁଜିଲାଣ୍ଡ ବିପକ୍ଷରେ ଫାଇନାଲରେ ଏକ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିବେ ଏବଂ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ଜିତିବେ।

ପ୍ରକୃତରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ମନୋନୀତ ଖେଳାଳି ସଞ୍ଜୁ ସାମସନ, ଅଭିଷେକ ଶର୍ମାଙ୍କ ନାଁ ନେଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଫାଇନାଲ ପୂର୍ବରୁ ସଂଘର୍ଷ କରୁଥିବା ଅଭିଷେକଙ୍କୁ ସଞ୍ଜୁ ସାମସନ ତାଙ୍କର ସମର୍ଥନ ପ୍ରଦାନ କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ ଯୁବ ଖେଳାଳିଙ୍କୁ ଦଳ ପରିଚାଳନା ଏବଂ ତାଙ୍କ ସାଥୀ ଖେଳାଳିଙ୍କଠାରୁ ସମର୍ଥନ ମିଳୁଛି। ସେ ନିଶ୍ଚିତ ଭାବରେ ଫାଇନାଲ ମ୍ୟାଚ ପାଇଁ ଫେରିବେ।

ସଞ୍ଜୁ କହିଛନ୍ତି, “ଡ୍ରେସିଂ ରୁମ୍‌ର ପରିବେଶ ବହୁତ ଭଲ। ତାଙ୍କୁ ଅଧିନାୟକ ଏବଂ ସମସ୍ତ ସାଥୀ ଖେଳାଳିଙ୍କଠାରୁ ସମର୍ଥନ ମିଳୁଛି। ସମସ୍ତଙ୍କର ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି।” ଯେକୌଣସି ଖେଳାଳିଙ୍କ କ୍ୟାରିଅରରେ ଉପର ତଳ ହୋଇଥାଏ। ଏହା କେବଳ ଗୋଟିଏ କିମ୍ବା ଦୁଇଟି ସଟ୍ ଖେଳିବା କଥା ଏବଂ ତା'ପରେ ଆତ୍ମବିଶ୍ୱାସ ଫେରି ଆସେ। ଏପରି ପରିସ୍ଥିତିରେ, ଏହା ସମ୍ଭବ ଯେ ଫାଇନାଲ ଅଭିଷେକର ହେବ।”

ସଞ୍ଜୁ ସାମସନ, ଏହି ସମୟରେ ୨୦୨୬ ଟି୨୦ ବିଶ୍ୱକପରେ ନିଜକୁ ପ୍ରମାଣିତ କରିଛନ୍ତି। ସଞ୍ଜୁ ଦେଖାଇଛନ୍ତି ଯେ ତାଙ୍କ ଭିତରେ ଏବେ ବି କ୍ରିକେଟ ବାକି ଅଛି। ସେ ନିଜେ ପ୍ରକାଶ କରିଛନ୍ତି ଯେ ସେ ନ୍ୟୁଜିଲାଣ୍ଡ ସିରିଜରେ ଚମତ୍କାର ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲେ କାରଣ ସେ ବିଶ୍ୱକପ ଦଳରେ ସ୍ଥାନ ପାଇବାକୁ ଚାହୁଁଥିଲେ, କିନ୍ତୁ ସେ ବିଫଳ ହୋଇଥିଲେ।

ଏହା ସତ୍ତ୍ୱେ, ସଞ୍ଜୁ ୨୦୨୬ ଟି୨୦ ବିଶ୍ୱକପରେ ଖେଳିବାର ସୁଯୋଗ ପାଇଲେ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ୯୭ ରନର ଅପରାଜିତ ଇନିଂସ ଖେଳିଲେ। ଏହା ପରେ, ସଞ୍ଜୁ ସେମିଫାଇନାଲରେ ଇଂଲଣ୍ଡ ବିପକ୍ଷରେ ୮୯ ରନ କରି ପୁଣି ଥରେ ନିଜ ନାମ ପ୍ରସିଦ୍ଧ କଲେ।

# ବିଶ୍ୱ ତୀରନ୍ଦାଜି ପାରା ସିରିଜ୍‌ରେ ଭାଗନେବେ ଓଡ଼ିଆ ଝିଅ ପାୟଲ

**ଭୁବନେଶ୍ୱର**



ଓଡ଼ିଶାର ଉଦୀୟମାନ ପାରା ତୀରନ୍ଦାଜ ପାୟଲ ନାଗ ଆଗାମୀ ବିଶ୍ୱ ତୀରନ୍ଦାଜି ପାରା ସିରିଜ୍‌ରେ ଭାଗନେବେ। ଚଳିତ ମାସ ୨୯ରୁ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କକ୍‌ରେ ହେବାକୁ ଥିବା ଏହି ପ୍ରତିଯୋଗିତାର କମ୍ପାଉଣ୍ଡ ମହିଳା ଓପନ୍ ଇଭେଣ୍ଟରେ ସେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଏହା ତାଙ୍କର ଦ୍ୱିତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ହେବାକୁ ଯାଉଛି। ଗତ ଡିସେମ୍ବରରେ ଦୁବାଇରେ ଆୟୋଜିତ ଏସୀୟ ପାରା ଯୁବ କ୍ରୀଡ଼ାରେ ଭାଗନେଇ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ହେଲେ ଏହି ପ୍ରତିଯୋଗିତାରେ ସେ ପଦକ ଜିତିବାରେ ସଫଳ ହୋଇ ନଥିଲେ ମଧ୍ୟ ଅନେକ ଅଭିଜ୍ଞତା ସାଉଁଟିଥିଲେ। ଏହି ଅଭିଜ୍ଞତା ବିଶ୍ୱ ପ୍ରତିଯୋଗିତାରେ ଉପଯୋଗ କରି ପଦକ ଜିତିବା ଆଶାରେ ଅଛନ୍ତି ଏହି ଦୁଇ ଗୋଡ଼ ଓ ଦୁଇ ହାତ ନଥିବା ପାରା ତୀରନ୍ଦାଜ ପାୟଲ। ବଲାଙ୍ଗୀରର ଏକ ଗରିବ ପରିବାରେ ଜନ୍ମିତ ୧୮ ବର୍ଷୀୟା ଏହି ଓଡ଼ିଆ ଝିଅ ୨୦୨୫ ଜାତୀୟ ପାରା ତୀରନ୍ଦାଜି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସେ ୨୦୨୬ରେ ପୁଣି ଥରେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ଲଗାତାର ପୋଡିୟମ୍ ଫିନିସ୍ କରିବାର ସଫଳତା ପାଇଥିଲେ। ବିଶ୍ୱ ତୀରନ୍ଦାଜି ପ୍ରତିଯୋଗିତାରେ ପାୟଲ ଭାଗ ନେବାକୁ ଯାଉଥିବାରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ଭେନସ

**ଇଣ୍ଡିଆନ ୱେଲ୍ସ**



ସାତ ଥର ଗ୍ରାଣ୍ଡସ୍ଲାମ ଟାଇଟଲ ବିଜେତା ଭେନସ ୱିଲିୟମ୍ସ ବିଏନ୍‌ପି ପାରିବାସ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ଫ୍ରାନ୍ସର ଡାଏନ୍ ପ୍ୟାରି ତାଙ୍କୁ ୬-୩, ୬-୭ (୪), ୬-୧ରେ ହରାଇ ଦେଇଛନ୍ତି। ୪୫ ବର୍ଷୀୟା ଭେନସ ତାଙ୍କର ଗତ ୮ଟି ଡବ୍ଲ୍ୟୁଟିଏ ମ୍ୟାଚରେ ପରାଜିତ ହୋଇଛନ୍ତି। ସଦର୍ନ କାଲିଫର୍ଣ୍ଣିଆ ଡେଜଟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ମ୍ୟାଚ ପାଇଁ ୪୫ ବର୍ଷୀୟା ଭେନସଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଦ୍ୱିତୀୟ ସେଟ୍ ଜିତିବା ପରେ ବିଶ୍ୱର ୧୧୧ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ୨୩ ବର୍ଷୀୟା ପ୍ୟାରି ମ୍ୟାଚ୍‌ର ତୃତୀୟ ସେଟ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। କ୍ୟାରିୟରେ ଭେନସଙ୍କ ଏହି ଟୁର୍ଣ୍ଣାମେଣ୍ଟରେ ୧୦ମ ଏବଂ ୨୦୨୪ ପରେ ଏହା ପ୍ରଥମ ପଦାର୍ପଣ ଥିଲା।

# ଯାଜପୁର ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ କର୍ମଶାଳା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଫାଷ୍ଟ ଆପିଲେଟ ଅଧିକାରୀ ଓ ଜନ ସୂଚନା ଅଧିକାରୀ ମାନଙ୍କ ପାଇଁ ଏକ ଦିନିଆ ସୂଚନା ଅଧିକାର ଅଧିନିୟମ କର୍ମଶାଳା ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଲୋକଙ୍କ ସୂଚନା ଅଧିକାରକୁ ସମ୍ମାନ ଦେବା ସହ ପ୍ରଶାସନ ଉତ୍ତରଦାୟୀ ରହିବା ଉଚିତ ଏବଂ ସୂଚନା ଅଧିକାର ଆଇନ ନାଗରିକଙ୍କୁ ସଶକ୍ତ କରୁଛି ବୋଲି ଜିଲ୍ଲାପାଳ କହିଥିଲେ। ସୂଚନା ଅଧିକାର ଗଣତନ୍ତ୍ରକୁ ସୁଦୃଢ଼ କରେ ଏବଂ ଶାସନରେ ସ୍ୱଚ୍ଛତା ଆଣେ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ ଏବଂ ବିଭିନ୍ନ ବିଭାଗରୁ ଜନ ସୂଚନା ଅଧିକାରୀ (ପିଆଇଓ)ମାନେ ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ସଂଗ୍ରାମ ପୃଷ୍ଟି ସୂଚନା ଅଧିକାର ଆଇନ ୨୦୦୫ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସେଣ୍ଟ୍ରାଲ ମନିଟରିଂ ମେକାନିଜିମ୍ ସମ୍ପର୍କରେ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ସୁଶ୍ରୀ ଅଲିଭା ଧଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। କର୍ମଶାଳା ସହ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସୂଚନା ଅଧିକାର ଆଇନ ସଚେତନତା ଜାଗରଣ କରିବା ପାଇଁ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଦାମୋଦର ବେହେରା, ସହକାରୀ ଜିଲ୍ଲାପାଳ ସୁଶ୍ରୀ ଅଲିଭା ଧଳ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ପୁରସ୍କୃତ କରିଥିଲେ।

# ଜନସ୍ୱାସ୍ଥ୍ୟର ସୁଦୃଢ଼ିକରଣ : ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଉଛି ଜନଔଷଧି ପରିଯୋଜନା



**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ମନ୍ତ୍ରୀ

ଗୋଟିଏ ରାଷ୍ଟ୍ରର ବାସ୍ତବ ପ୍ରଗତି ସେତେବେଳେ ହିଁ ପ୍ରତିଫଳିତ ହୁଏ, ଯେତେବେଳେ ତାହାର ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତା ସହଜ ଏବଂ ସୁଲଭ ହୋଇପାରେ। ଦଶନ୍ଧି ଦଶନ୍ଧି ଧରି ଔଷଧର ଉଚ୍ଚ ମୂଲ୍ୟ ଭାରତର ଅନେକ ପରିବାର ପାଇଁ ଏକ ଗଭୀର ଆର୍ଥିକ ପ୍ରତିବନ୍ଧକ ରୂପେ ରହିଆସିଥିଲା। ଏହାର ପରିଣାମ ସ୍ୱରୂପ କୋଟି କୋଟି ଲୋକ ଆବଶ୍ୟକୀୟ ଚିକିତ୍ସା ଏବଂ ଔଷଧ ପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେଉଥିଲେ, ଯାହା ସ୍ୱାସ୍ଥ୍ୟସେବାରେ ଗଭୀର ବୈଷମ୍ୟକୁ ଉଜାଗର କରିଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା (ପିଏମ୍ ବିଜେପି) ଭଳି ଏକ ଉପକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ଗୁଣାତ୍ମକ ମାନଯୁକ୍ତ ଜେନେରିକ ଔଷଧମାନ ଅତି କମ୍ ମୂଲ୍ୟରେ ଲୋକମାନଙ୍କୁ ଯୋଗାଇ ଦିଆଯାଇ ଆସୁଛି। ଏହିସବୁ ଔଷଧ ସେମାନଙ୍କର ବ୍ରାଣ୍ଡେଡ ପ୍ରତିପକ୍ଷ ଔଷଧ ତୁଳନାରେ ବେଶ୍ ଶସ୍ତା। ଏହାଦ୍ୱାରା ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଥିବା ଜଟିଳ ବୈଷମ୍ୟକୁ ବ୍ୟାପକ ମାତ୍ରାରେ ଏବଂ ସୁବ୍ୟବସ୍ଥିତ ଭାବେ ପରିବର୍ତ୍ତନ କରାଯିବା ସମ୍ଭବପର ହୋଇପାରିଛି।

ସମଗ୍ର ବିଶ୍ୱରେ ଜେନେରିକ ଔଷଧ ହେଉଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପଲବ୍ଧତା କରାଇବା କ୍ଷେତ୍ରରେ ମୂଳ ଆଧାର। ଏହା ବିଶ୍ୱବ୍ୟାପୀ ପ୍ରେସ୍କ୍ରିପସନରେ ଲେଖାଯାଉଥିବା ମୋଟ ଔଷଧର ୮୦-୯୦ ପ୍ରତିଶତ ହୋଇଥାଏ ଏବଂ ତାହା ଅତ୍ୟାବଶ୍ୟକ ଔଷଧ କ୍ଷେତ୍ର ଉପଲବ୍ଧତା ପରିବେଶକୁ ସମ୍ପ୍ରସାରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଜେନେରିକ ଔଷଧ ଏହାର ପ୍ୟାକେଜିଂ, ଲେବଲିଂ ଏବଂ ତୁଳନାତ୍ମକ ଭାବେ ଅଧିକ ସକ୍ରିୟ ସାଧନ ଦୃଷ୍ଟିରୁ ଭିନ୍ନ ହୋଇପାରେ, କିନ୍ତୁ ବିଭିନ୍ନ ପ୍ରକାର ଗବେଷଣା ଏହା ସୂଚାଇଛି ଯେ, ଏ ପ୍ରକାର ବୈଷମ୍ୟ ରୋଗୀକୁ ଉପଶମତା ପ୍ରଦାନ କରିବା କ୍ଷେତ୍ରରେ କୌଣସି ପ୍ରକାରେ ଊଣା କରିନଥାଏ। ଏସବୁ ଔଷଧ ବ୍ରାଣ୍ଡ ନାମ ଥିବା ଔଷଧ ସହ ସମତୂଲ୍ୟ। ସେହିଭଳି ଏହାର ଡୋଜ୍, ନିରାପତ୍ତା, ସାମର୍ଥ୍ୟ, ଗୁଣ ଏବଂ ଉଦ୍ଦିଷ୍ଟ ବ୍ୟବହାର ମଧ୍ୟ ସମାନ। ଏହିସବୁ ଔଷଧ ସମାନ ଭାବେ ଜଟିଳ ଉତ୍ପାଦନ ପଦ୍ଧତି ଏବଂ ଗୁଣାତ୍ମକ ମାନ ମଧ୍ୟ ଦେଇ ଉତ୍ପାଦିତ ହୋଇଥାଏ।

ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା କେବଳ ଖୁଚୁରା ଔଷଧ ବିକ୍ରୟ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଢାଞ୍ଚାଗତ ସାମର୍ଥ୍ୟକୁ ମଧ୍ୟ ପ୍ରତିନିଧିତ୍ୱ କରେ। ଚଳିତବର୍ଷ ଜନଔଷଧି ସପ୍ତାହର ଶୀର୍ଷକ – “ଜନଔଷଧି ଶସ୍ତା ମଧ୍ୟ, ନିର୍ଭରଯୋଗ୍ୟ ମଧ୍ୟ, ସ୍ୱାସ୍ଥ୍ୟକର ଏବଂ ସଞ୍ଚୟ ଯୁକ୍ତ”ରୁ ସଠିକ ଭାବେ ପ୍ରତିଫଳିତ ହୁଏ। ଏଥିରୁ କୋଟି କୋଟି ହିତଧାରକ ଯେଉଁଭଳି ଭାବେ ଉପକୃତ ହୋଇ ଆସୁଛନ୍ତି, ସେଥିରୁ ଏହି ଧ୍ୱନି ପ୍ରତିଧ୍ୱନିତ ହେଉଛି। ସାରା ଦେଶରେ ୧୮ ହଜାରରୁ ଅଧିକ ଜନଔଷଧି କେନ୍ଦ୍ର ବର୍ତ୍ତମାନ କାର୍ଯ୍ୟ କରୁଛି ଏବଂ ଏହାର କାର୍ଯ୍ୟ ପରିସର ନିରବଚ୍ଛିନ୍ନ ଭାବେ ବ୍ୟାପକ ହୋଇ ଚାଲିଛି। ଏହି ଯୋଜନା ସୁନିଶ୍ଚିତ କରିଛି ଯେ ହିତଧାରକମାନଙ୍କୁ ବଜାର ମୂଲ୍ୟଠାରୁ ୫୦ ପ୍ରତିଶତରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ଗୁଣାତ୍ମକ ମାନଯୁକ୍ତ ଔଷଧ ଉପଲବ୍ଧ କରାଯିବ। ଏହା ଫଳରେ ସାମାଜିକ, ଆର୍ଥିକ ଦୁର୍ବଳ ପୃଷ୍ଠଭୂମିରେ ବସବାସ କରୁଥିବା ପରିବାରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରାପ୍ତ ହୋଇପାରିବ। କ୍ଷେତ୍ରରେ କରାଯାଇଥିବା ସର୍ଭେ ସର୍ଭେରୁ ଜଣାପଡିଛି ଯେ ହିତାଧିକାରୀମାନେ ଖର୍ଚ୍ଚ ସଞ୍ଚୟ ଏବଂ ଔଷଧର ଉନ୍ନତ ଉପଲବ୍ଧତାକୁ ପ୍ରଶଂସା କରି ଆସୁଛନ୍ତି।

ଏହି ଯୋଜନାର ମାତ୍ରା ଔଷଧର ମୋଟ ପରିମାଣରୁ ମଧ୍ୟ ପ୍ରତିଫଳିତ ହୁଏ। ଜନଔଷଧିର ବ୍ୟାପକ ଭଣ୍ଡାରରେ ବର୍ତ୍ତମାନ ୨,୧୧୦ ପ୍ରକାରର ଔଷଧ ଏବଂ ୩୧୫ ପ୍ରକାରର ଅସ୍ତ୍ରୋପଚାର ଉତ୍ପାଦ ରହିଛି। ଏଥିରେ ୨୯ ପ୍ରକାର ଭିନ୍ନ ଭିନ୍ନ ଉପଶମ କ୍ଷେତ୍ର ମଧ୍ୟ ରହିଛି। ଫାର୍ମାସ୍ୟୁଟିକାଲ ଏବଂ ମେଡ଼ିକାଲ ଡିଭାଇସ ବ୍ୟୁରୋ ଅଫ ଇଣ୍ଡିଆ (ପିଏମବିଆଇ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନେତୃତ୍ୱରେ ଏଭଳି ଔଷଧ ଉତ୍ପାଦନ ଏବଂ ବିତରଣ କାର୍ଯ୍ୟ କରୁଛି। ଏହାର ସକ୍ରିୟ ତଥା ଡାଟାରେ ପ୍ରେରିତ ପ୍ରକ୍ରିୟାରେ ବଜାର ବିଶ୍ଳେଷଣ, ହିତଧାରକମାନଙ୍କ ମତାମତ ଏବଂ ଏକ ଉତ୍ସର୍ଗୀକୃତ ବିଶେଷଜ୍ଞ କମିଟି ଦ୍ୱାରା ଅତି କଠୋର ଯାଞ୍ଚ ବ୍ୟବସ୍ଥା ମଧ୍ୟରେ ସବୁଗୁଡ଼ିକ ଔଷଧର ମାନ ନିର୍ଦ୍ଧାରିତ କରାଯାଉଛି। ଏହା ଫଳରେ ଏହି ଯୋଜନା ସୁନିଶ୍ଚିତ କରିଛି ଯେ ରାଷ୍ଟ୍ରର ସ୍ୱାସ୍ଥ୍ୟ ସେବା ଆବଶ୍ୟକତା ଏବଂ ଔଷଧ ଚାହିଦା ମଧ୍ୟରେ ଉପଯୁକ୍ତ ସନ୍ତୁଳନ ରକ୍ଷା କରାଯିବ।

ଭାରତୀୟ ଫାର୍ମାସ୍ୟୁଟିକାଲ କମ୍ପାନୀମାନଙ୍କ ଉପରେ ମଜବୁତ ନିୟନ୍ତ୍ରଣ ବ୍ୟବସ୍ଥା ରହିଥିବା ଯୋଗୁଁ ବର୍ତ୍ତମାନ ଏହିସବୁ କମ୍ପାନୀମାନେ ଉତ୍ପାଦନ କରୁଥିବା ଔଷଧ ବିଶ୍ୱର ୨୦୦ରୁ ଅଧିକ ରାଷ୍ଟ୍ରକୁ ଯୋଗାଣ କରାଯାଉଛି। ସେଥି ମଧ୍ୟରେ ଅତି ଉଚ୍ଚମାନର ନିୟନ୍ତ୍ରଣ ବଜାର ଯଥା- ଆମେରିକା, ବ୍ରିଟେନ ଏବଂ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରମାନେ ରହିଛନ୍ତି। ଭାରତୀୟ ଫାର୍ମାସ୍ୟୁଟିକାଲ କମ୍ପାନୀମାନେ ବର୍ତ୍ତମାନ ନୂଆକରି ମୁଣ୍ଡ ଟେକୁଥିବା ଲାଟିନ ଆମେରିକା, ଆଫ୍ରିକା ଏବଂ ପୂର୍ବ ୟୁରୋପୀୟ ରାଷ୍ଟ୍ର ବଜାରରେ ସେମାନଙ୍କ ପ୍ରବେଶ ଏବଂ ବିସ୍ତାରଣ ଜାରି ରଖିଛନ୍ତି।

ଏହି ଶିଳ୍ପ ବାୟୋ ସିମିଲାର, ବାୟୋଲୋଜିକ ଔଷଧର ଜେନେରିକ ବିକଳ୍ପ ମାନଙ୍କ ଉପରେ ଅଧିକ ଧ୍ୟାନ ଦେଉଥିବା ସହିତ ଗବେଷଣା ଓ ବିକାଶ ଉପରେ ଅଧିକ ପୁଞ୍ଜିନିବେଶ କରାଯାଉଛି। ଏହା ଫଳରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଜେନେରିକ ଔଷଧ ଏବଂ ବିଶେଷ ଡ୍ରଗ୍ ମାନ ଉତ୍ପାଦନ କରାଯାଇପାରୁଛି। ଏଭଳି ଭବିଷ୍ୟ ଅଭିମୁଖୀ ପଦକ୍ଷେପ ଗ୍ରହଣ ଭାରତକୁ କେବଳ ବୈଶ୍ୱିକ ଉତ୍ପାଦନ ହବ୍ ଭାବେ ସୁପ୍ରତିଷ୍ଠିତ କରିନାହିଁ, ଅପରପକ୍ଷେ ସୁଲଭ ମୂଲ୍ୟର ଔଷଧ ଉତ୍ପାଦନ କ୍ଷେତ୍ରରେ ଭବିଷ୍ୟତର ନବାଚାରରେ ଏକ ନେତା ଭାବେ ଉଭା କରିଛି।

ଗୁଣାତ୍ମକମାନ ବନାମ ମୂଲ୍ୟ ସମ୍ପର୍କରେ ହେଉଥିବା ବିତର୍କ ବେଳେବେଳେ ଜନସାଧାରଣଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥାଏ। ସେଥିପାଇଁ ପିଏମ୍ ବିଜେପି ସଫଳତାର ସହିତ ଏଭଳି ଭ୍ରାନ୍ତ ଧାରଣାକୁ ଦୂର କରିବାରେ ସକ୍ଷମ ହୋଇଛି। ସୁଲଭ ମୂଲ୍ୟର ଔଷଧ ଯୋଗାଣର ଅର୍ଥ ଗୁଣାତ୍ମକ ମାନରେ କୌଣସି ପ୍ରକାର ସାଲିସ କରିବା ନୁହେଁ। ତେଣୁ ଏହାର ଉତ୍ପାଦନମାନଙ୍କୁ ବିବିଧ ପର୍ଯ୍ୟାୟରେ ଗୁଣାତ୍ମକ ସୁନିଶ୍ଚିତତା ଢାଞ୍ଚା ଦ୍ୱାରା ସୁରକ୍ଷିତ ରଖାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ- ଜିଏମପି ପ୍ରମାଣନ ଉତ୍ପାଦନକାରୀମାନଙ୍କ ଦ୍ୱାରା ଏହିସବୁ ଔଷଧମାନ ସଂଗ୍ରହ କରାଯାଉଛି। ଯାହାକି ବୈଶ୍ୱିକ ଉତ୍ପାଦନ ମାନକୁ ଅନୁପାଳନ କରିବା ଦିଗରେ ସୁନିଶ୍ଚିତତା ଯୋଗାଇଛି। ଏହି ପ୍ରୋଟୋକଲ ସୂଚିତ କରେ ଯେ ଉତ୍ପାଦନ କରାଯାଉଥିବା ପ୍ରତି ବ୍ୟାଚର ଔଷଧ ଏକ କଠୋର ପ୍ରମାଣନ ମାଧ୍ୟମ ଦେଇ ଯିବାକୁ ପଡ଼ିବ। ଏହି ପ୍ରମାଣନ ରାଷ୍ଟ୍ରୀୟ ପରୀକ୍ଷଣ ଏବଂ କାଲିବ୍ରେସନ ବିଜ୍ଞାନାଗାର ଆକ୍ରିଡେସନ ବୋର୍ଡ (ଏନଏବିଏଲ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ପରୀକ୍ଷାଗାରରେ କରାଯିବ। ଦୋକାନୀମାନଙ୍କ ଔଷଧ ଥାକରେ ଏଭଳି ଔଷଧ ପହଞ୍ଚିବା ପୂର୍ବରୁ ଏହି ପରୀକ୍ଷା କରାଯାଇଥାଏ। ଏହିସବୁ ଔଷଧଗୁଡ଼ିକ ଔଷଧ ଓ ପ୍ରସାଧନ ଆଇନ ୧୯୪୦ରେ ଥିବା ବ୍ୟବସ୍ଥାକୁ ଅନୁପାଳନ କରେ ଏବଂ ନିରାପତ୍ତା ଓ ସକ୍ରିୟତା ମାନକୁ ମଧ୍ୟ ବ୍ରାଣ୍ଡଯୁକ୍ତ ବିକଳ୍ପ ସହିତ ସମତୁଲ୍ୟ କରାଏ। ଏଭଳି ଗୁଣାତ୍ମକ ଯାତ୍ରା ମଧ୍ୟରେ ପ୍ରାକ୍ ଆହରଣ ଅଡିଟ୍ ଏବଂ ଆହରଣ ପରବର୍ତ୍ତୀ ପରୀକ୍ଷାଗାର ଟେଷ୍ଟିଂକୁ ଅତି ଶୃଙ୍ଖଳିତ ଭାବେ ସମ୍ପାଦନ କରାଯାଇଥାଏ। ପିଏମ୍‌ବିଆଇ ଯାହାକି ଏହି ପରିଯୋଜନା ପାଇଁ ପ୍ରବର୍ତ୍ତନ ଏଜେନ୍ସି ତଥା ନିୟାମକ ମନିଟର ଓ ଔଷଧର ଗୁଣାତ୍ମକ ମାନକୁ ଅଡିଟ କରେ, ତାହା ପ୍ରତିଷ୍ଠିତ ନିୟମାବଳୀକୁ କୌଣସି ପରିସ୍ଥିତିରେ ସୁଦ୍ଧା ବିଚ୍ୟୁତ କରେ ନାହିଁ।

ଏକ ଆଇଟି ସମର୍ଥିତ ବିତରଣ ନେଟୱର୍କ, ଯାହାକି ପାଞ୍ଚଗୋଟି ଅତ୍ୟାଧୁନିକ ଓ୍ୟାର ହାଉସ ଏବଂ ୪୧ ଗୋଟି ବିଶେଷ ଅଭିଜ୍ଞତା ଯୁକ୍ତ ବିତରକମାନଙ୍କ ଦ୍ୱାରା ସାରା ଦେଶରେ ବିତରଣ କରାଯାଉଛି। ଏହା ସୁନିଶ୍ଚିତ କରିଛି ଯେ, ଯୋଗାଣ ଶୃଙ୍ଖଳକୁ ସର୍ବଦା ସହନଶୀଳ ରଖାଯିବ ଏବଂ ଏଥିରେ କୌଣସି ପ୍ରକାର ବିଚ୍ୟୁତି ଘଟିବ ନାହିଁ।

ଉପଲବ୍ଧତା, ଗୁଣାତ୍ମକ ମାନ ଏବଂ ସୁଲଭତା ଭଳି ତିନୋଟି ସ୍ତମ୍ଭ ଉପରେ ଏହି ପ୍ରଧାନମନ୍ତ୍ରୀ ଜନଔଷଧି ପରିଯୋଜନା ବିଶେଷ ଧ୍ୟାନ ଦିଏ। ଏହା ଫଳରେ ଦେଶର କୋଟି କୋଟି ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇପାରିଛି। ନିରବଚ୍ଛିନ୍ନ ଭାବେ ଆନୁଷ୍ଠାନିକ ସହାୟତା, କ୍ରମବର୍ଦ୍ଧିଷ୍ଣୁ ଜନସଚେତନା ଏବଂ ସୁଦୃଢ଼ ସଂସାଧନ ସମ୍ପ୍ରସାରଣ ଜରିଆରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଜନଔଷଧି କେନ୍ଦ୍ରକୁ ଏହାର ମୂଳ ଉଦ୍ଦେଶ୍ୟ ସାକାର କରିବାରେ ସହାୟକ ହୋଇପାରିଛି। ବର୍ତ୍ତମାନ ଏହା ଏକ ସୁଦୂରରେ ଦୃଶ୍ୟମାନ କଳ୍ପନା ନୁହେଁ ବରଂ ହାତ ପାଆନ୍ତାରେ ଉପଲବ୍ଧ ଏକ ବାସ୍ତବତା ଅଟେ।

ବିକଶିତ ଭାରତ ୨୦୪୭ର ପରିକଳ୍ପନା ହେଉଛି ଏକ ମଜବୁତ, ସୁସଂହତ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା। ଏଥିମଧ୍ୟରେ ଉତ୍ତମ ଚିକିତ୍ସାଳୟ, କମ୍ ଚିକିତ୍ସା ଖର୍ଚ୍ଚ, ସହଜରେ ଗୁଣାତ୍ମକ ଚିକିତ୍ସାର ଉପଲବ୍ଧତା ଏବଂ ସୁଲଭ ମୂଲ୍ୟରେ ଔଷଧ ମିଳିବା ଆଦି ସାମିଲ। ବିବିଧ ସ୍ତରୀୟ ସହଯୋଗ ଯୋଗୁଁ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଏହାକୁ ଏକ ଉତ୍ତମ ଆନୁଷ୍ଠାନିକ ବ୍ୟବସ୍ଥାରେ ପରିଣତ କରିଛି। ଏହାଫଳରେ ସ୍ୱାସ୍ଥ୍ୟସେବା ଉଭୟ ଉଚ୍ଚ ଗୁଣାତ୍ମକମାନର ଏବଂ ସମସ୍ତଙ୍କ ପାଇଁ ସହଜଲବ୍ଧ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଏହି ପରିଯୋଜନାକୁ ଜାରି ରଖିବା ନିମନ୍ତେ ପ୍ରତିବଦ୍ଧ। ଦିନକୁ ଦିନ ବୃଦ୍ଧି ପାଉଥିବା ଏହାର ଲୋକପ୍ରିୟତା ଓ ପ୍ରଗତି ଫଳରେ ଏହା ବର୍ତ୍ତମାନ ସୁଲଭ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈଶ୍ୱିକ ମଡେଲରେ ପରିଣତ ହୋଇଛି।



# ମଦର ବହୁଳ ପ୍ରସାର ପାଇଁ ଟେଟ୍ରା ପ୍ୟାକ୍ ବିରୁଦ୍ଧରେ ଏଆଇଏମଏସଏସ ପକ୍ଷରୁ ବିକ୍ଷୋଭ

**କଟକ, ନ୍ୟୁଜ୍‌ବ୍ୟୁରୋ**




ଟେଟ୍ରା ପ୍ୟାକ୍ ମଦ ପ୍ରସାର ବନ୍ଦ ସହ ମଦକୁ ସଂପୂର୍ଣ୍ଣ ନିଶିଦ୍ଧ କରିବା ଦାବିରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଆଇଏମଏସଏସ ପକ୍ଷରୁ ଟେଟ୍ରା ପ୍ୟାକ୍ ମଦ ବନ୍ଦ ଦାବିରେ ରାଜ୍ୟ ବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଉଛି। ବିଜେପି ଦଳ ନିର୍ବାଚନ ସମୟରେ ଓ ନିର୍ବାଚିତ ପରେ ଘୋଷଣା କରିଥିଲା ରାଜ୍ୟକୁ ୨୦୨୪ ଅଗଷ୍ଟ ୧୫ ଠାରୁ ସଂପୂର୍ଣ୍ଣ ମଦ ମୁକ୍ତ ରାଜ୍ୟ କରିବେ। ଅତ୍ୟନ୍ତ ପରିତାପର ବିଷୟ ଏହି କି ଯେ ରାଜ୍ୟ ସରକାର ମଦ ମୁକ୍ତ କରିବାତ ଦୁରର କଥା ଟେଟ୍ରା ପ୍ୟାକ୍ ମଦ ପ୍ରଚଳିତ କରି ରାଜ୍ୟରେ ମଦ ବନ୍ୟା କରିବା ଯୋଜନା କରିଛନ୍ତି। କାଗଜ ଡବାରେ (ଟେଟ୍ରା ପ୍ୟାକ୍) ମଦ ମିଳିଲେ ଗାଁରୁ ସହର ବିଭିନ୍ନ ଛକ ବଜାର, ରାସ୍ତା କଡ଼, ଜାତାୟତ କରୁଥିବା ଲୋକ ମାନେ ଓ କୋମଳମତି ଛାତ୍ରମାନେ ବ୍ୟାଗ୍‌ରେ ଅନାୟାସରେ ନେଇ ପାରିବେ ଏବଂ ନିଶାଗ୍ରସ୍ତ ହୋଇପାରିବେ। ସରକାର କେବଳ ଅବକାରୀ ଶୁଳ୍କ ପାଇଁ ଜନ ସାଧାରଣଙ୍କୁ ନିଶାଗ୍ରସ୍ତ କରୁନାହାନ୍ତି ଅସଲ ଉଦେଶ୍ୟ ଲୋକ ନିଶାଗ୍ରସ୍ତ ହେଲେ ସରକାରଙ୍କ ଜନବିରୋଧୀ ନୀତି ଓ ବିଭିନ୍ନ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ନାହିଁ। ସରକାରଙ୍କ ହୀନ ଷଡ଼ଯନ୍ତ୍ର ବିରୁଦ୍ଧରେ ଏହା ସହିତ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ପହଞ୍ଚିଛି ଫଳରେ ନାରୀ, ଛାତ୍ରୀ, ଓ ଶିଶୁ ନିର୍ଯ୍ୟାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଭଳି ଜଘନ୍ୟ ଅପରାଧ ବଢ଼ିଚାଲିଛି। ଏହାର ନିରାକରଣ, ଟେଟ୍ରା ପ୍ୟାକ୍ ମଦ ବନ୍ଦ, ମଦ ଡ୍ରଗ୍ସ ଓ ସମସ୍ତ ନିଶାଦ୍ରବ୍ୟ ନିଶିଦ୍ଧ ଛାତ୍ରୀ, ଶିଶୁ ଓ ନାରୀମାନଙ୍କୁ ସୁରକ୍ଷା ସୁନିଶ୍ଚିତ କରିବା ଦାବିରେ ବିକ୍ଷୋଭ କାରୀମାନେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ଏଆଇଏମଏସଏସ ଜିଲ୍ଲା ସଭାନେତ୍ରୀ ମାଳବିକା ସାମଲ, ସଂପାଦିକା ସ୍ୱାଧିନୀ ବେହେରା, ଉପ ସଭାନେତ୍ରୀ ସିପ୍ରା ମହାନ୍ତି, ନାରୀନେତ୍ରୀ ମନୋସ୍ୱିନୀ ପ୍ରଧାନ, ଜୋସ୍ନାମୟୀ ଦାଶ, ସୁଜାତା ମହାପାତ୍ର, ମାଧବୀଲତା ଚାତାର, ଶ୍ରଦ୍ଧାଞ୍ଜଳି ପାତ୍ର, ମାନି ବେହେରା, ନମିତା ବେହେରା, ବିରେନ ବଡ଼ା ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ପୂର୍ବତଟ ରେଳପଥ ଓ ଇକୋର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ପୂର୍ବ ତଟ ରେଳପଥ, ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସହିତ ମିଳିତ ସହଯୋଗରେ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ପାଳନ କରିଛି। ଏହି ଅବସରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ଅବଦାନକୁ ସମ୍ମାନିତ କରାଯାଇଛି।

ଏହି ଅବସରରେ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇକୋର ମହିଳା କଲ୍ୟାଣ ସଂଗଠନ ସଭାପତି, କବିତା ଫୁଙ୍କ୍‌ୱାଲ୍ ମହିଳା ରେଳ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ସେମାନଙ୍କର ଅନ୍ତର୍ନିହିତ ଶକ୍ତି ଓ କ୍ଷମତାକୁ ଚିହ୍ନଟ କରିବା ସହିତ ଆତ୍ମବିଶ୍ୱାସ ଓ ଦୃଢ଼ ସଂକଳ୍ପ ସହିତ କାମ କରିବାକୁ ଏବଂ ସମର୍ପଣ ଭାବ ଓ ସଫଳତା ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରେରଣା ଦେଇ ସଂଗଠନର ବିକାଶ ଓ ପ୍ରଗତିରେ ଯୋଗଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟ ବ୍ୟକ୍ତା ଭାବେ କାନ୍ତା ମହାନ୍ତି, ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଖୋର୍ଦ୍ଧା ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ଏବଂ ପୋସ୍ ପ୍ରଶିକ୍ଷିକା ଯୋଗଦେଇଥିଲେ। ଏହି ଅବସରରେ ମୋଟ ୩୧ ଜଣ ମହିଳା ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୧୫ ଜଣ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ୧୬ ଜଣ ମହିଳା କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜୋନର ସମସ୍ତ ମଣ୍ଡଳ ମୁଖ୍ୟାଳୟରେ ମଧ୍ୟ ଏହି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା।

ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ଔଦ୍ୟୋଗିକ ସମ୍ପର୍କ) ଅଞ୍ଜନ ରାୟ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରି ରେଳପଥରେ ମହିଳା କର୍ମଚାରୀ ମାନଙ୍କ ବହୁମୂଲ୍ୟ ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩୨୭୫ କୋଟି ...

ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଯୋଗ ଦେବା ଅବସରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହ ପ୍ରଥମେ ନାଗରିକ କୈନ୍ଦ୍ରିକ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି। ଓଡ଼ିଶା ପୋଲିସ ସହ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଆମ ପୋଲିସକୁ ଆଧୁନିକ ତାଲିମ ମଧ୍ୟ ପ୍ରଦାନ କରିବ । ଏଥିସହ ରାଜ୍ୟର ୨୦ ଜିଲ୍ଲାରେ ୨୦ ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୋଲିସ ଥାନାର ଲୋକାର୍ପଣ ଆଭାସୀ ମାଧ୍ୟମରେ କରିଛନ୍ତି । ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ଲୋକାଭିମୁଖୀ କରିବା ପାଇଁ ୨୪ ଟି ନୂତନ ଥାନାର ଲୋକାର୍ପଣ ମଧ୍ୟ ସେ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଛନ୍ତି, ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି । ସେ ଏହା ମଧ୍ୟ କହିଛନ୍ତି, ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି । ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତା ସମ୍ମିଳନୀର ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇଛନ୍ତି। ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି । ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍‌ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି । ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଶ୍ରୀ ଶାହ ।

ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ । ଆଜି ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହା ସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି । ଏହାମାଧ୍ୟମରେ ଓଡ଼ିଶାର ଚାଷୀ ସମୃଦ୍ଧ ହେବ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡ଼ିଶା ସମୃଦ୍ଧ ହେବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୋଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ । ଏହାଦ୍ୱାରା ୨୦୨୫ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ ରେ ମାତ୍ର ୬.୭ ପ୍ରତିଶତ ଥିଲା । ପୋଲିସ ସଂସ୍କାର ସହିତ, 'ସହକାରିତା ସେ ସମୃଦ୍ଧି' ଆମ ସମୃଦ୍ଧ ଓଡ଼ିଶାର ଦୃଷ୍ଟିକୋଣ ସହିତ ମେଳ ଖାଉଛି । କାରଣ ସମବାୟ ମାଧ୍ୟମରେ, ସମାଜର ପଛୁଆ ବର୍ଗର ଲୋକମାନେ ଆର୍ଥିକ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି । ଯେତେବେଳେ ରାଜ୍ୟର କୋଟି କୋଟି ଲୋକ ଆର୍ଥିକ ଭାବରେ ସଶକ୍ତ ହେବେ, ସେତେବେଳେ ଓଡ଼ିଶା ସମୃଦ୍ଧ ହେବ ଏବଂ ଭାରତ ବିକଶିତ ହେବ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହଙ୍କ ଦିଗ୍‌ଦର୍ଶନ ସହିତ, ଓଡ଼ିଶାରେ ପରିବର୍ତ୍ତନର ସ୍ୱପ୍ନ ଦେଖି ଆପଣମାନେ ଯେଉଁ ସରକାର ଗଠନ କରିଛନ୍ତି, ସେ ସ୍ୱପ୍ନ ନିଶ୍ଚୟ ସାର୍ଥକ ହେବ ।

ସୂଚନାଯୋଗ୍ୟ, ଶ୍ୱେତ କ୍ରାନ୍ତି ୨.୦ ଅନ୍ତର୍ଗତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି -୨୦୨୬ କାର୍ଯ୍ୟକାରିତାର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ । ଏହି ନୂଆ ନୀତି କେନ୍ଦ୍ର ସରକାରଙ୍କ ଜାତୀୟ ନୀତିର ଦୃଷ୍ଟିକୋଣକୁ ଆଧାର କରି ପ୍ରସ୍ତୁତ କରାଯାଇଛି । 'ସହକାରିତା ସେ ସମୃଦ୍ଧି'ର ଦୂରଦୃଷ୍ଟିକୁ ନେଇ ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା ମଧ୍ୟ ଏଥିରେ ରହିଛି । ଏହାସହିତ ୧୫୬୬ ପାକ୍ସର କମନ୍ ସର୍ଭିସ୍ ସେଣ୍ଟର ଲୋକାର୍ପଣ ସହିତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ସ୍କୁଲ ଅଫ୍ ତ୍ରିଭୂବନ ସହକାରୀ ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ୍ ସ୍ଥାପନ ପାଇଁ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଓମଫେଡ୍ ସହ ଜଡ଼ିତ ପଦକ୍ଷେପଗୁଡ଼ିକ ମଧ୍ୟ ଶୁଭାରମ୍ଭ କରାଯାଇଛି। ଦୁଇଟି ଦୁଗ୍ଧ ଉତ୍ପାଦକ ସମବାୟ ସମିତିକୁ ପଞ୍ଜିକରଣ ପ୍ରମାଣପତ୍ର ବଣ୍ଟନ କରାଯାଇଛି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ହିତାଧିକାରୀ ଚାଷୀ ମାନଙ୍କୁ ଅନୁଦାନ ମଧ୍ୟ ପ୍ରଦାନ କରାଯାଇଛି ଏବଂ ଏକ ତାଲିମ ଓ ପ୍ରଦର୍ଶନ କେନ୍ଦ୍ରର ଉନ୍ନତିକରଣ ପାଇଁ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି) ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ, ବିଭିନ୍ନ ବିଭାଗ ସହ ଜଡ଼ିତ ପ୍ରକଳ୍ପଗୁଡ଼ିକର ଏକ ଭିଡିଓଚିତ୍ର ଉପସ୍ଥାପନା କରାଯାଇଥିଲା ଏବଂ ୧୧୫୯.୦୩ କୋଟି ଟଙ୍କାର ମୋଟ ୬୯ଟି ପ୍ରକଳ୍ପର ଉଦଘାଟନ କରାଯାଇଛି। ସେହିପରି ୨୧୧୬.୦୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଛି ।

## ମାର୍ଚ୍ଚ ୩୧...

ହୋଇ ରହିଛି । ଏହି ଅବସରରେ ସିଆଇଏସଏଫର ସମସ୍ତ ଦୁଃସାହସିକ କାର୍ଯ୍ୟର ଆଜି ଗୋଟିଏ ଗୋଟିଏ ଝଲକ ଦେଖିବାକୁ ମିଳିଥିଲା ମୁଣ୍ଡଳୀ ସ୍ଥିତ ଟ୍ରେନିଂ କ୍ୟାମ୍ପରେ । ଭିଭିଆଇପି ସୁରକ୍ଷା ଏବଂ ଆତଙ୍କବାଦ ମୁକାବିଲା, ହାଇଜାକ ହୋଇଥିବା ଯାତ୍ରୀବାହୀ ବିମାନର ସଫଳ ଉଦ୍ଧାର ସହିତ ଆହୁରି ଅନେକ ଦୁଃସାହସିକ କାର୍ଯ୍ୟର ଡେମୋ ସିଆଇଏସଏଫ କ୍ୟାମ୍ପ ପରିସରରେ ଦେଖିବାକୁ ମିଳିଛି । ସେହିପରି ଆତଙ୍କବାଦୀଙ୍କ କବଳରୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଭଳି, ଅନେକ ଦୁଃସାହସିକ ପ୍ରଦର୍ଶନ କରିଥିଲେ ଯବାନ ମାନେ । ଓଡ଼ିଶାରେ ଏପରି କାର୍ଯ୍ୟକ୍ରମ ପ୍ରଥମ ଥର ହୋଇଥିବା ବେଳେ ଆତଙ୍କବାଦ ଭଳି କଡ଼ା ପରିସ୍ଥିତିର ମୁକାବିଲା ପାଇଁ ସିଆଇଏସଏଫ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବରିଷ୍ଠ ଅଧିକାରୀମାନେ କହିଛନ୍ତି । ସେହିପରି ୧୨ ହଜାର ୫୦୦ ମହିଳା ସିଆଇଏସଏଫରେ ଯୋଗ ଦେଇ ସାରିଛନ୍ତି । ତେଣୁ ହରିୟାଣାରେ କେବଳ ମହିଳା ଯବାନମାନଙ୍କ ଲାଗି ଏକ ବାଟାଲିୟନ ଖୋଲିବ ବୋଲି କହିଛନ୍ତି ଶାହ।

## ଇରାନ ସହ ...

ମିଲିୟନ ଡଲାର ଖର୍ଚ୍ଚ ହୋଇଛି। ରିପୋର୍ଟରେ ଆକଳନ କରାଯାଇଛି ଯେ ଯୁଦ୍ଧର ପ୍ରଥମ ୧୦୦ ଘଣ୍ଟା ମଧ୍ୟରେ ଆମେରିକା ୨୦୦୦ରୁ ଅଧିକ ପ୍ରକାରର ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ର ବ୍ୟବହାର କରିଛି। କେବଳ ଏହି ଅସ୍ତ୍ରଶସ୍ତ୍ରର ଷ୍ଟକକୁ ପୂରଣ କରିବା ପାଇଁ ପ୍ରାୟ ୩.୧ ବିଲିୟନ ଡଲାର ଖର୍ଚ୍ଚ ହୋଇପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଯୁଦ୍ଧ ଜାରି ରହେ, ତେବେ ଏହି ଖର୍ଚ୍ଚ ଦ୍ରୁତ ଗତିରେ ବୃଦ୍ଧି ପାଇବ। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରକୁ କଂଗ୍ରେସଠୁ ଅତିରିକ୍ତ ବଜେଟ୍ ଅନୁମୋଦନ କରିବାକୁ ପଡ଼ିପାରେ, କିନ୍ତୁ ଆମେରିକାରେ ମୁଦ୍ରାସ୍ଫୀତି, ଦରଦାମ୍ ବୃଦ୍ଧି ଓ ଯୁଦ୍ଧ ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ହେତୁ ଏହି ପ୍ରସଙ୍ଗ ରାଜନୈତିକ ବିବାଦର କାରଣ ମଧ୍ୟ ହୋଇପାରେ।

## ଏସଆଇଆର ପାଇଁ ...

ନିଜ ପିତା/ମାତାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଯଦି୨୦୦୨ ଭୋଟର ତାଲିକାରେ ନିଜର, ପିତା/ମାତା ଙ୍କର ନାମ ପାଇବାରେ ଅସମର୍ଥ ହୁଅନ୍ତି ତେବେ ନିଜର ଜେଜେବାପା/ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଶ୍ରୀ ଗୋପାଳନ ଆହୁରି ସ୍ପଷ୍ଟ କରିଛନ୍ତି ଯେ ଏହି ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାର କାର୍ଡ ଦେବା ଆବଶ୍ୟକ ନୁହେଁ ଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାକୃତିକ କୃଷିକୁ ...

ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଜାତୀୟ ଖାଦ୍ୟ ତେଲ ଏବଂ ଡାଲି ମିଶନ ଏବଂ ଜାତୀୟ ପ୍ରାକୃତିକ କୃଷି ମିଶନ ଭଳି ପ୍ରୟାସ କୃଷି କ୍ଷେତ୍ରକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

## ସୁଖୋଇ-୩୦...

ଦୁଇଜଣ ବାୟୁ ସେନା କର୍ମଚାରୀଙ୍କ ମୃତଦେହ ମିଳିଛି।

ଇଣ୍ଡିଆନ୍ ଏୟାର ଫୋର୍ସର ଏକ୍ସ ପୋଷ୍ଟରେ ସ୍କ୍ୱାଡ୍ରନ୍ ଲିଡର ଅନୁଜ ଓ ଫ୍ଲାଇଟ୍ ଲେଫ୍ଟନାଣ୍ଟ ପୁର୍ବେଶ ଦୁରାଗକରଙ୍କ ଦେହାନ୍ତ ସମ୍ବନ୍ଧରେ ସୂଚନା ଦିଆଯାଇଛି। ପୋଷ୍ଟରେ କୁହାଯାଇଛି ଯେ ସୁଖୋଇ-୩୦ ବିମାନ ଦୁର୍ଘଟଣାରେ ଦୁହେଁ ଗୁରୁତର ଆଘାତ ପାଇଥିଲେ। ଭାରତୀୟ ବାୟୁ ସେନା କହିଛି ଯେ ଏହି ଦୁଃଖଦ ଘଟଣାରେ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରୁଛନ୍ତି ଏବଂ ଏହି କଷ୍ଟକର ସମୟରେ ଶୋକାକୁଳ ପରିବାରଙ୍କ ସହ ଦୃଢ଼ ଭାବେ ଦଣ୍ଡାୟମାନ ଅଛନ୍ତି।

## ପ୍ରକାଶ ପାଇଲା ...

ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ ଏବେ ସରକାରୀ ୟୁପିଏସ୍‌ସି ପୋର୍ଟାଲରେ ସେମାନଙ୍କର ଫଳାଫଳ ଦେଖିପାରିବେ। ଚୂଡ଼ାନ୍ତ ମେଧା ତାଲିକାର ବିସ୍ତୃତ ପିଡିଏଫ୍ ସରକାରୀ ୱେବସାଇଟ୍: upsc.gov.in ଏବଂ upsconline.nic.in ରେ ଉପଲବ୍ଧ। ଫଳାଫଳ ଯାଞ୍ଚ କରିବା ପାଇଁ, ପ୍ରାର୍ଥୀମାନଙ୍କୁ ହୋମପେଜରେ ଥିବା ଅପ୍ସନ 'what's new' ବିଭାଗରୁ ଚୂଡ଼ାନ୍ତ ତାଲିକା ଡାଉନଲୋଡ୍ କରିବାକୁ ଏବଂ ସେମାନଙ୍କର ରୋଲ ନମ୍ବର ଖୋଜିବାକୁ ପରାମର୍ଶ ଦିଆଯାଇଛି।

୨୦୨୫ ମେ ୨୫ରେ ସିଭିଲ୍ ସର୍ଭିସେସ୍ ପ୍ରାଥମିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଯାହା ପ୍ରାର୍ଥୀଙ୍କ ପାଇଁ ପ୍ରଥମ ସୋପାନ ଥିଲା। ଯେଉଁମାନେ ଯୋଗ୍ୟତା ହାସଲ କରିଥିଲେ ସେମାନେ ୨୨ ଅଗଷ୍ଟରୁ ୩୧ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ମୁଖ୍ୟ ପରୀକ୍ଷାରେ ଯୋଗ ଦେଇଥିଲେ। ଶେଷ ପ୍ରତିବନ୍ଧକ ଥିଲା ବ୍ୟକ୍ତିତ୍ୱ ପରୀକ୍ଷା ବା ସାକ୍ଷାତକାର ଯାହା ଗତ ଫେବୃଆରୀ ୨୭ରେ ସମାପ୍ତ ହୋଇଥିଲା। ଏହି ବର୍ଷ, ସାକ୍ଷାତକାର ସମାପ୍ତି ପରେ ୟୁପିଏସ୍‌ସି ଦ୍ୱାରା ଏକ ସପ୍ତାହ ବିଳମ୍ବରେ ଫଳାଫଳ ଘୋଷଣା କରାଯାଇଛି।

ଫଳାଫଳ ଅନୁସାରେ ଆଇଏଏସ୍, ଆଇପିଏସ, ଆଇଏଫଏସ ଏବଂ କେନ୍ଦ୍ରୀୟ ସେବା ସମେତ ବିଭିନ୍ନ ପ୍ରତିଷ୍ଠିତ ସେବାରେ ନିଯୁକ୍ତି ପାଇଁ କମିଶନ ଦ୍ୱାରା ମୋଟ ୯୫୮ ପ୍ରାର୍ଥୀଙ୍କୁ ସୁପାରିସ କରାଯାଇଛି।

## ଯୁଦ୍ଧ ଯୋଗୁଁ ...

ପଦକ୍ଷେପ ଅନ୍ତର୍ଜାତୀୟ ତୈଳ ବଜାରକୁ ନଷ୍ଟ କରିଦେଇଛି ଏବଂ ଅଶୋଧିତ ତୈଳ ମୂଲ୍ୟକୁ ରେକର୍ଡ ସ୍ତରକୁ ପଠାଇ ଦେଇଛି। ଭାରତ ଭଳି ଆମଦାନୀ-ନିର୍ଭରଶୀଳ ଦେଶମାନଙ୍କ ପାଇଁ ଏହି ପରିସ୍ଥିତି ଚିନ୍ତାଜନକ, କାରଣ ଦେଶର ପ୍ରାୟ ୪୦ ପ୍ରତିଶତ ଅଶୋଧିତ ତୈଳ ଯୋଗାଣ ଏହି ମାର୍ଗ ଦେଇ ଆସେ।

# ପୀତବାସ ପଣ୍ଡା ହତ୍ୟା ମାମଲା : ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଶୁଣାଣି ୯କୁ ଘୁଞ୍ଚିଲା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ହୋଇଛି। ପୁଲିସ ଜାମିନ୍‌କୁ ବିରୋଧ କରିବା ସହ ତାଙ୍କ ବିରୋଧରେ ୨ଟି ମାମଲା ଥିବା କୋର୍ଟକୁ ଜଣାଇଥିଲେ। ପୁଲିସ ପକ୍ଷରୁ ଦିଆଯାଇଥିବା ପିଟିସନର ଉତ୍ତର ରଖିବା ପାଇଁ ବିକ୍ରମଙ୍କ ଓକିଲ ସମୟ ମାଗିଥିବାବେଳେ ଆସନ୍ତା ୯ ତାରିଖରେ ଜାମିନ୍ ଆବେଦନର ଶୁଣାଣି କରିବାକୁ କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି।

ସେପଟେ ବ୍ରହ୍ମପୁର ଏଡିଜେ-୩ରେ ହତ୍ୟା ମାମଲାର ଶୁଣାଣି ହୋଇଛି। କୋର୍ଟରେ ସମସ୍ତ ତଥ୍ୟ, ସିଡିଆ, ଆଇପିଡିଆର ଏବଂ ଅନ୍ୟ କାଗଜାତ ଦାଖଲ କରିଛି ପୁଲିସ। ଅଭିଯୁକ୍ତଙ୍କ ଓକିଲଙ୍କୁ ଏହିସବୁ ତଥ୍ୟ ସହ ଚାର୍ଜସିଟ୍ କପି ଦିଆଯାଇଥିଲା। ବିକ୍ରମଙ୍କ ଆପତ୍ତିଜନକ ଫଟୋ, ଅଭିଯୁକ୍ତମାନେ ସହରରେ ବୁଲୁଥିବା ଭିଡିଓ ଏବଂ ଅନ୍ୟ ତଥ୍ୟ ରହିଥିବା ପେନ୍‌ଡ୍ରାଇଭ୍ ମଧ୍ୟ ପୁଲିସ କୋର୍ଟରେ ଦାଖଲ କରିଥିଲା। ଅଭିଯୁକ୍ତଙ୍କ ଓକିଲ ପେନ୍‌ଡ୍ରାଇଭରେ ସବୁ ତଥ୍ୟ ଅଛି କି ନାହିଁ ଯାଞ୍ଚ କରିବାକୁ କୋର୍ଟକୁ ଅନୁରୋଧ କରିଥିଲେ। କୋର୍ଟ ସଙ୍ଗେସଙ୍ଗେ ସେ ସବୁ ଯାଞ୍ଚ କରିବାବେଳେ ଅନେକ ଫୋଲ୍ଡର ଖୋଲି ନ ଥିଲା। ଏଣୁ ଅଭିଯୁକ୍ତଙ୍କ ଓକିଲ ସେହି ପେନ୍‌ଡ୍ରାଇଭ୍ ଫେରାଇ ଦେଇଥିଲେ। ଆସନ୍ତା ୯ରେ ପୁଣି ଏହି ମାମଲାର ଶୁଣାଣି ହେବ। ସେଦିନ ପେନ୍ ?ଡ୍ରାଇଭ୍ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକ ସମ୍ବେଦନଶୀଳ ହତ୍ୟା ମାମଲାରେ ପୁଲିସ ତଥ୍ୟ ଦାଖଲ କରିବାରେ ବିଳମ୍ବ କରୁଛି। ଏମିତିକି ପେନ୍‌ଡ୍ରାଇଭ୍ ଓ ଅନ୍ୟ ତଥ୍ୟ ଦେଉଛି, କିନ୍ତୁ କେତେବେଳେ ଅକ୍ଷର ଦିଶୁନାହିଁ ତ ଆଉ କେତେବେଳେ ପେନ୍‌ଡ୍ରାଇଭ୍‌ରେ ଫୋଲ୍ଡର ଓପନ୍ ହେଉନି ବୋଲି କହିଛନ୍ତି ଆଇନଜୀବୀ ଚକ୍ରପାଣି ନାହାକ।

କର୍ପୋରେଟର ମଳୟ ବିଷୋୟୀ ଅନ୍ତରୀଣ ଜାମିନ୍ ପାଇଁ ଆବେଦନ କରିଥିବା କହିଛନ୍ତି ଆଇନଜୀବୀ ଦୀପକ ପଟ୍ଟନାୟକ। ସେ କହିଛନ୍ତି ଯେ, ତାଙ୍କର ଉତ୍ତମ ଚିକିତ୍ସା ପାଇଁ ଅନ୍ତରୀଣ ଜାମିନ୍ ଆବେଦନ ହୋଇଛି। ଆସନ୍ତା ୭ରେ କୋର୍ଟ ଏହାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଏବେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଏମ୍‌କେସିଜି ସର୍ଜରୀ ବିଭାଗରେ ଚିକିତ୍ସାଧୀନ ଥିବାବେଳେ ମଳୟ ବିଷୋୟୀ ଆଇସିୟୁରେ ଅଛନ୍ତି। ମଳୟ ପୂର୍ବରୁ ମଧ୍ୟ ଆଇସିୟୁରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କୁ ଗତ ୨୬ରେ ଡିସଚାର୍ଜ କରି ସିଧା ଜେଲ୍ ପଠାଯାଇଥିଲା। ୨୮ରେ ପୁଣି ଅସୁସ୍ଥ ହେବାରୁ ଜେଲ୍‌ରୁ ଏମ୍‌କେସିଜି ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ଡାକ୍ତର କହିଛନ୍ତି। ଅନ୍ୟତମ ଅଭିଯୁକ୍ତ ବିଜେଡି ନେତା ମଦନ ଦଳେଇ ଅସୁସ୍ଥ ଥିବାବେଳେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅସ୍ତ୍ରୋପଚାର ଆବଶ୍ୟକ ଥିବା ଡାକ୍ତର କହିଥିଲେ। ମଦନ ଅସ୍ତ୍ରୋପଚାର ପାଇଁ ରାଜି ହେଲେ ସେ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇପାରନ୍ତି।

# ଗୋଦାବରୀଶ ସାହିତ୍ୟ ସଂସଦର ବସନ୍ତ ମିଳନୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଭୁବନେଶ୍ୱର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦର ବସନ୍ତ ମିଳନୀ ଉତ୍ସବ ସଂସଦ ପ୍ରେକ୍ଷାଳୟରେ ସଂସଦର ସଭାପତି ରାଧାମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ବ୍ୟକ୍ତିତ୍ୱ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର ଯୋଗଦାନ କରି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଉଥିବା ବେଳେ ଅନୁଷ୍ଠାନର ପୂର୍ବତନ ସମ୍ପାଦକ କବି ଓ ନାଟ୍ୟକାର ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟ ଆଲୋଚନା ଚକ୍ର ପରେ କବି ଶୁଭ୍ରାନନ୍ଦ ଓ ରଜନୀକାନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅର୍ଦ୍ଧ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କର୍ମକର୍ତ୍ତା ସର୍ବଶ୍ରୀ ଦେବେନ୍ଦ୍ରନାଥ ଦାସ, ବିକାଶ ଦାସ ଓ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଅଲେଖ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# କୁକୁର କାମୁଡ଼ାରେ ୧୫ରୁ ଊର୍ଦ୍ଧ୍ୱ ଆହତ

**ରାଇକିଆ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ରାଇକିଆ ସହରର ବିଭିନ୍ନ ସ୍ଥାନରେ କୁକୁର କାମୁଡ଼ାରେ ଶୁକ୍ରବାର ୧୫ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ଆହତମାନଙ୍କ ମଧ୍ୟରେ ଏକାଧିକ ଶିଶୁ ଓ ମହିଳା ରହିଛନ୍ତି। ଏଥିମଧ୍ୟରୁ ଅଧିକାଂଶ ଜଣଙ୍କୁ କଳା ରଙ୍ଗର କୁକୁର କାମୁଡ଼ି ଥିବା ପ୍ରକାଶ କରିଛନ୍ତି। ସମସ୍ତ ଆହତ ଚିକିତ୍ସା ପାଇଁ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ଚିକିତ୍ସା ପାଇଁ ଯଥେଷ୍ଟ ଇଞ୍ଜେକସନ ମହଜୁଦ ରହିଥିବା ଏବଂ ବୁଲା କୁକୁର, ଅଜଣା କୁକୁରଠାରୁ ଦୂରେଇ ରହିବା ସହ ଯଥେଷ୍ଟ ସତର୍କତା ଅବଲମ୍ବନ ଗ୍ରହଣ କରିବାକୁ ମେଡିକାଲ ଇନ୍‌ଚାର୍ଜ ଶ୍ରୀନିବାସ ପାତ୍ର କହିଛନ୍ତି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ସୁନ୍ଦରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା କାରାଗାରରେ ବିଚାରାଧୀନ ଜଣେ କଏଦୀଙ୍କ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ସରୋଜ ରାଉତ ଓରଫ ବନ (୨୭)। ହେମଗିରି ଥାନା ଅନ୍ତର୍ଗତ ବରପାଲି ଗ୍ରାମର ସରୋଜ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଭାବେ ଗିରଫ ହୋଇ ଜେଲରେ ରହୁଥିଲେ। ସେ ଅସୁସ୍ଥ ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗତ ମାସ ୧୧ ତାରିଖରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ଗୁରୁବାର ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ସକାଳେ ମୃତଦେହ ଜବତ କରି କେସ ନମ୍ବର ୧୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ହେମଗିରି ଥାନା ଅଞ୍ଚଳରେ ଘଟିଥିବା ସତ୍ୟରାମଙ୍କ ହତ୍ୟା ମାମଲାରେ ପୋଲିସ ଗତ ମାସ ୯ ତାରିଖରେ ସରୋଜଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଓ କୋର୍ଟ ଏହି ଅଭିଯୁକ୍ତ ମାନଙ୍କର ଜାମିନ ନାମଞ୍ଜୁର କରି ଜିଲ୍ଲା କାରାଗାର ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ।

# ବିଜେଡି କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ମହାନ ସ୍ୱାଧୀନତା ସେନାନୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଧୂମ୍‌ଧାମ୍‌ରେ ପାଳନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଆୟୁବ ଖାନ ମୁଖ୍ୟ ଅତିଥି ଭାବେ ଏବଂ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ମହିଳା ଜନତା ଦଳର ବରିଷ୍ଠ ଉପାଧ୍ୟକ୍ଷା ଗୋପା ମହାନନ୍ଦ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, କଣ୍ଟାବାଞ୍ଜି ଏନଏସି ଟାଉନ ସଭାପତି କିଶୋର ମାଝଖଣ୍ଡ, ମୁରିବାହାଲ ବ୍ଲକ ସଭାପତି ସନ୍ୟାସୀ ପୁଟେଲ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ରାଧେଶ୍ୟାମ କେତକୀ, ତୁରେକେଲା ବ୍ଲକ ସଭାପତି ଖୁସିରାମ ନାୟକ, ଜିଲ୍ଲା ଉପାଧ୍ୟକ୍ଷ ଲାଲଚନ୍ଦ ପୁଟେଲ, ଜିଲ୍ଲା ସାଧାରଣ ସମ୍ପାଦକ ସୁଭାଷ ଜୈନ, ଜିଲ୍ଲା ସଚିବ ମନୋରଞ୍ଜନ ଭୋଇ, ପପୁ ସାହୁ, ଏସ୍.କେ. ଅମଜଦ, ଏସ୍.କେ. ଅନୱର, ମନୋଜ ଚାନ୍ଦି, ଉନି ନାୟର, ଗୁରୁଚରଣ ଠେଲା, ସହଦେବ ନାଗ, ସତ୍ୟ ରାୟ, ମନୋଜ ସାହୁ, ଗୁଡୁ ପାନିକା, ସିମରନ କୌର, ଅଙ୍କିତ ଜୈସ୍ୱାଲ, ବାବୁଲିନ ମହାନନ୍ଦ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେଡି କାର୍ଯ୍ୟାଳୟରୁ ହସ୍ପିଟାଲ ପର୍ଯ୍ୟନ୍ତ ଏକ ରାଲି କାଢ଼ାଯାଇଥିଲା। ପରେ ଅମ୍ବେଦକର ଚକ୍‌ରେ ଡଃ ଭୀମରାଓ ଅମ୍ବେଦକରଙ୍କ ପ୍ରତିମା ଓ ବିଜୁ ବାବୁଙ୍କ ପ୍ରତିମାରେ ପୁଷ୍ପମାଳା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ବିଜେଡିର ପୂର୍ବତନ ବରିଷ୍ଠ ସଦସ୍ୟ ଏବଂ ବୁରୋମଲ ଗ୍ରାମର ସରପଞ୍ଚ ଜଗନ୍ନାଥ ନାଗଙ୍କ ଦେହାନ୍ତ ହୋଇଥିବାରୁ ତାଙ୍କ ସ୍ମୃତିରେ ୨ ମିନିଟ୍ ନିରବତା ପାଳନ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା।

Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar

E-Mail: rw.kamakhyanagar@yahoo.co.in

25001/291/2526

**e-procurement Notice No.30/Building Work / 2025-26.**

1. Name of the work : Building Work
2. Total No. of Works : 1 (One) No.
3. Tender Cost : Rs.6.20 Lakhs
4. Class Contractor : "D" & "C" Class
5. Period of Completion : 2 Calendar months
6. Availability of Tender online for bidding : 12.03.2026 at 11.00 A.M to 18.03.2026 up to 5.00 P.M
7. Last Date & Time of seeking tender clarification : 17.03.2026 upto 4.00 PM
8. Date & Time of opening of Bid : 19.03.2026. at 11.00 AM

Other Details can be seen from the website http://tendersorissa.gov.in.

Sd/- Superintending Engineer
R.W. Division-II, Dhenkanal.
Kamakhyanagar

OIPR-25001/25094/1/25-26/0019

ଭୁବନେଶ୍ୱର,୭ ମାର୍ଚ୍ଚ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଆମେରିକା-ଇସ୍ରାଏଲ ଆକ୍ରମଣରେ ଇରାନର ଆଜାଦୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଧ୍ୱସ୍ତ

ତେହେରାନ/ୱାଶିଂଟନ,୬।୩

ଆମେରିକା-ଇସ୍ରାଏଲର ସଂଯୁକ୍ତ ସାମରିକ ଅଭିଯାନରେ ଇରାନ ଭୟଭୀତ ହୋଇପଡ଼ିଛି। ଯୁଦ୍ଧର ଷଷ୍ଠ ଦିନରେ ଆମେରିକା ଓ ଇସ୍ରାଏଲ ତେହରାନରେ ଅବସ୍ଥିତ ବିଶ୍ୱର ଖୁବ ସୁନ୍ଦର ଓ ପ୍ରତିଷ୍ଠିତ ଫୁଟବଲ୍ ମଇଦାନ ଆଜାଦୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଏହାର ୧୨ ହଜାର ଆସନ କ୍ଷମତା ବିଶିଷ୍ଟ ଇଣ୍ଡୋର ଆରେନା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

ଇଣ୍ଟରନ୍ୟାସନାଲ ସମ୍ବାଦପତ୍ରର ରିପୋର୍ଟ ଅନୁସାରେ, ଇରାନ ସରକାର ଆଜାଦି ସ୍ପୋର୍ଟସ୍ କମ୍ପ୍ଲେକ୍ସ ଉପରେ ହୋଇଥିବା ଆମେରିକା-ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛନ୍ତି। ଇରାନ ମଧ୍ୟ ସ୍ୱୀକାର କରିଛି ଯେ ସେଠାରେ ଥିବା ୧୨,୦୦୦ ଆସନ ବିଶିଷ୍ଟ ଇଣ୍ଡୋର ଷ୍ଟାଡିୟମ୍ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଖେଳମନ୍ତ୍ରୀ ଘଟଣାସ୍ଥଳରେ ପରିଦର୍ଶନ କରି ଏହି ଆକ୍ରମଣକୁ ଅନ୍ତର୍ଜାତୀୟ କାନୁନ ଓ ଇଣ୍ଟରନ୍ୟାସନାଲ ଅଲମ୍ପିକ କମିଟିର ଅଲିମ୍ପିକ୍ ଚାର୍ଟରର ଉଲ୍ଲଂଘନ ବୋଲି କହିଛନ୍ତି। ସେ ବିଶ୍ୱର ସମସ୍ତ ଦେଶକୁ ଏହାର ଜବାବଦେହିତା ନିର୍ଦ୍ଧାରଣ କରିବାକୁ ଆହ୍ୱାନ କରିଛନ୍ତି। ଏହି ଦାବି ଉପରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ କୌଣସି ମତାମତ ଦିଆଯାଇନାହିଁ।



ଭୁବନେଶ୍ୱର : ରବୀନ୍ଦ୍ର ମଣ୍ଡପ ପରିସରରେ ସୁଷମା ସଂଗୀତ ସଦନ ପକ୍ଷରୁ ଅନୁଷ୍ଠିତ ଗୁରୁ ପ୍ରଣାମ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅନୁବାଦିକା, ଗାଳ୍ପିକା ଓ କବୟିତ୍ରୀ ଶ୍ରୀମତୀ ସୁପ୍ରଭା ରାୟଙ୍କୁ ସୁଷମା ସଂସ୍କୃତି ସମ୍ମାନ-୨୦୨୬ ଏବଂ ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ଗୁରୁ ଓ କଣ୍ଠଶିଳ୍ପୀ ଶ୍ରୀଯୁକ୍ତ କେଶବ ଚନ୍ଦ୍ର ରାଉତଙ୍କୁ ଗୁରୁ ବାଳକୃଷ୍ଣ ଦାସ ସମ୍ମାନ-୨୦୨୬ରେ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି ଶିଳ୍ପୀଗୁରୁ ପଦ୍ମ ବିଭୂଷଣ ଡ. ସୁଦର୍ଶନ ସାହୁ, କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ସୀତାକାନ୍ତ ଦାସ, ଜିନ୍ଦଲ ଷ୍ଟେନଲେସ୍ ଲିଃ.ର ଜିଏମ୍ (କର୍ପୋରେଟ ଆଫାଏର୍ସ) ସୁଧିରଞ୍ଜନ ମିଶ୍ର, ଏମଡି ଆଣ୍ଡ ସିଇଓ, ଓଏସଡ଼ବ୍ଲୁଇଏସ ପ୍ରଦୀପ କୁମାର ମହାନ୍ତି, ପ୍ରେସିଡେଣ୍ଟ ଆଣ୍ଡ ସିଇଓ, ହର୍ବାଗ କେୟାର ଆଇଏନସି ଦିବ୍ୟରଞ୍ଜନ ଦାସ। (ଫଟୋ : ସମ୍ବାଦକଳିକା)



ଭୁବନେଶ୍ୱର ବିମାନ ବନ୍ଦରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦକଳିକା)

# ଯୁଦ୍ଧକୁ ନେଇ ଚିନ୍ତା ପ୍ରକଟ କଲେ ରାଜନାଥ

ନୂଆଦିଲ୍ଲୀ, ୬।୩

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଚିନ୍ତା ପ୍ରକଟ କରିଛନ୍ତି। ଯୁଦ୍ଧ ପାଇଁ ଦେଶରେ ଅର୍ଥନୈତିକ ପ୍ରଭାବ ପଡ଼ିବା ନେଇ ଚେତାବନୀ ଦେଇଛନ୍ତି। ପର୍ସିଆନ ଗଲ୍ଫ ଅଞ୍ଚଳ ବିଶ୍ୱର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଅଞ୍ଚଳରେ ବ୍ୟାଘାତ ହେଲେ ତେଲ ଓ ଗ୍ୟାସ୍ ଯୋଗାଣରେ ପ୍ରଭାବ ପଡ଼ିବ। ଯାହା ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି।

ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ଘମାଘୋଟ ଯୁଦ୍ଧ ଦିନକୁ ଦିନ ପରିସ୍ଥିତିକୁ ଜଟିଳ କରୁଛି। ଯୁଦ୍ଧ ଜାରି ରହିଲେ ଭବିଷ୍ୟତରେ ଏହା ଆହୁରି ପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀମାନେ ମଧ୍ୟ ମତ ପ୍ରକାଶ



କରିଛନ୍ତି। ଏପରିକି ଯୁଦ୍ଧ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ଅନ୍ୟ ଭୂଖଣ୍ଡକୁ ବ୍ୟାପିବା ଆରମ୍ଭ ହୋଇଛି। ବୁଧବାର ଭାରତୀୟମାନେ ହୋଲି ଖେଳିବାରେ ବ୍ୟସ୍ତ ଥିବାବେଳେ ଭାରତ ମହାସାଗରରେ ଆମେରିକା ନୌସେନା ପକ୍ଷରୁ ଇରାନର ଏକ ଯୁଦ୍ଧଜାହାଜକୁ ଆକ୍ରମଣ କରାଯାଇଛି। ଆମେରିକାର ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନୀୟ ଯୁଦ୍ଧଜାହାଜ ଆଇଆରଆଇଏସ ଡେନାକୁ ଟାର୍ଗେଟ କରି ବୁଡ଼ାଇଦେବାରେ ସକ୍ଷମ ହୋଇଛି। ଏହି ଘଟଣାକ୍ରମ ପରେ ଯୁଦ୍ଧର କ୍ରମବର୍ଦ୍ଧିଷ୍ଣୁ ପରିସୀମା ଓ ପ୍ରଭାବ ଭାରତ ପାଇଁ ଚିନ୍ତାର କାରଣ ହୋଇଛି।

# ସଡ଼କ ଦୁର୍ଘଟଣାରେ ଚାଲିଗଲା ୭ ଜୀବନ

ଭୁବନେଶ୍ୱର,୬।୩:ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଘଟଣା ପାଇଁ ୭ ଜଣଙ୍କ ଜୀବନ ଯାଇଛି। ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି। ନୟାଗଡ଼ ଜିଲ୍ଲା ବୋଦସାରେ ଘଟିଛି ଏହି ଅଭାବନୀୟ ଘଟଣା। ମୃତ ଯୁବକ ୨ ଜଣ ହେଲେ ଭାପୁର ବ୍ଲକର ଧାନଚେଙ୍ଗଡା ପଞ୍ଚାୟତ ଅଧୀନ କଲଟାଙ୍ଗୀ ଗ୍ରାମର ମଦନ ଧଳଙ୍କ ପୁଅ ବୀର କିଶୋର ଧଳ ଓ ତାରେଶ୍ୱର ବିଶ୍ୱାଳଙ୍କ ପୁଅ ଶଙ୍କର ବିଶ୍ୱାଳ ବୋଲି ସୂଚନା ମିଳିଛି। ଯୁବକ ୨ ଜଣ ଏକ ବାଇକ୍ ଯୋଗେ ମର୍ଦ୍ଦରାଜପୁର ଗ୍ରାମରୁ ବୋଦସା ଦେଇ କଲଟାଙ୍ଗୀ ଗ୍ରାମକୁ ଯାଉଥିଲେ। ତେବେ ବେପରୁଆ ବାଇକ୍ ଚାଳନା ଯୋଗୁଁ ଭାରସାମ୍ୟ ହରାଇ ରାସ୍ତା ପାଖ ଗଛରେ ମାଡ଼ ହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଉଭୟଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଖବରପାଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଦୁର୍ଘଟଣାରେ ଭାଙ୍ଗି ଯାଇଥିବା ବାଇକ୍‌ଟିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ଏହି ଦୁଃଖଦ ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସେହିପରି ଘରେ ଟ୍ରକ୍ ପଶି ଶୋଇଥିବା ସମୟରେ ଜଣଙ୍କର ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଥାନା ଅନ୍ତର୍ଗତ କରମୂଳ ହାତିବାରୀ ଗ୍ରାମରେ ଘଟିଛି ଏହି ଅଘଟଣ। ଗ୍ରାମର ଅସ୍ଥିର ତରାଇଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଏକ ଅଠର ଚକିଆ ଟ୍ରକ୍ ବିଳମ୍ବିତ ରାତିରେ ଏକ ଟ୍ରାକ୍ଟରକୁ ଧକ୍କା ଦେବା ପରେ ନିକଟସ୍ଥ ଏକ କୋଠା ଘରେ ପଶି ଯାଇଥିଲା। ଘରର କାନ୍ଥ ଭାଙ୍ଗି ପଶିଯିବାରୁ ଘରେ ଶୋଇଥିବା ଅବସ୍ଥାରେ ଅସ୍ଥିର ତରାଇଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସେପଟେ ପିପିଲିରେ କେନାଲକୁ ଖସିପଡ଼ିଛି କାର୍। ଏହି ଦୁର୍ଘଟଣାରେ ୫ରୁ ଅଧିକ ଆହତ ହୋଇଛନ୍ତି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ନିର୍ମଳା ଛକ ଠାରେ ଘଟିଛି କାର୍ ଦୁର୍ଘଟଣା।

ଅନ୍ୟପଟେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପିପିଲି ବାଇପାସ ରାସ୍ତାର ଦାଣ୍ଡମୁକୁନ୍ଦପୁର ଠାରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଏକ ବାଇକ୍‌ରେ ୩ ଜଣ ଯୁବକ ଯାଉଥିବା ବେଳେ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଏଥିରେ ୨ ଜଣଙ୍କର ଘଟଣା ସ୍ଥଳରେ ଶୋଚନୀୟ ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତର ଆହତକୁ ପିପିଲି ପୁଲିସ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ପିପିଲି ମେଡିକାଲ ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ସୂଚନା ମିଳିଛି।

ସେହିପରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଶ୍ରୀନିକେତା ପଞ୍ଚାୟତର ସିର୍ସାମାହାଠାରେ ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ଜଣେ ୨୨ ବର୍ଷୀୟ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଦାରିଙ୍ଗବାଡି ବ୍ଲକ ତିଲୋରୀ ଶ୍ରୀରାମନଗର ସାହିର ଦୟା ନାୟକଙ୍କ ପୁଅ ନାନୁ ନାୟକ। ବିଳମ୍ବିତ ରାତିରେ ନାନୁ ବାଇକ ଯୋଗେ ଦାରିଙ୍ଗବାଡିରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସିର୍ସାମାହା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡି ତାଙ୍କୁ ଜୋରଦାର ଧକ୍କା ଦେଇଥିଲା।

ଖଲ୍ଲିକୋଟର ୧୬ ନଂ ଜାତୀୟ ରାଜପଥ ଚଣ୍ଡୀ ଢାବା ନିକଟ ଗୁଡ଼ିଢିପ ନିକଟରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି ପରେ ମୃତ ଘୋଷଣା କରିଥିଲେ ଡାକ୍ତର। ଘଟଣା ସ୍ଥଳରେ ଖଲ୍ଲିକୋଟ ପୁଲିସ ଓ ଏନଏଚଆଇ ପାଟ୍ରୋଲିଂ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ହସ୍ତତନ୍ତ ବସ୍ତ୍ର ପରିଧାନ କରି ଶୁକ୍ରବାର କାର୍ଯ୍ୟାଳୟକୁ ଆସିଲେ ରାଜସ୍ୱ କର୍ମଚାରୀ

ଭୁବନେଶ୍ୱର,୬।୩
ନ୍ୟୁଜ୍‌ବ୍ୟୁରୋ



ରାଜସ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ ଉଦ୍ୟମକୁ ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଅବସରରେ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ସମୃଦ୍ଧ ଓ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଆସିଥିଲେ। ଏହା ମାଧ୍ୟମରେ ରାଜ୍ୟର ପାରମ୍ପରିକ ବୟନ ଓ ହସ୍ତତନ୍ତ ଶିଳ୍ପ ପ୍ରତି ସମ୍ମାନ ଓ ସମର୍ଥନ ପ୍ରକାଶ ପାଇଛି। ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ଶୁକ୍ରବାର ଲୋକସେବା ଭବନ ସମ୍ମୁଖରେ ସମସ୍ତଙ୍କର ଏକ ଗ୍ରୁପ୍ ଫଟୋ ମଧ୍ୟ ଉଠାଯାଇଥିଲା, ଯାହା ମାଧ୍ୟମରେ ଓଡ଼ିଶାର ହସ୍ତତନ୍ତ ଏବଂ ଐତିହ୍ୟର ପ୍ରଚାର ପ୍ରତି ବିଭାଗର ସମୂହ ଅଙ୍ଗୀକାରବଦ୍ଧତା ପ୍ରକାଶ ପାଇଛି।

ଏହି ଅବସରରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଥିଲେ,ଏହି ପ୍ରୟାସ ମାଧ୍ୟମରେ ରାଜ୍ୟର ସ୍ୱଦେଶୀ ହସ୍ତତନ୍ତ ପଦାର୍ଥ ବ୍ୟବହାରକୁ ଉତ୍ସାହିତ କରିବା ସହିତ ସ୍ଥାନୀୟ ବୁଣାକାରମାନଙ୍କ ଜୀବିକାକୁ ସମର୍ଥନ ଦେବା ଲକ୍ଷ୍ୟ ରହିଛି। ସେହିପରି ଏହା ମାଧ୍ୟମରେ ସରକାରୀ କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଓଡ଼ିଶାର ବିଶିଷ୍ଟ ହସ୍ତତନ୍ତ ପରମ୍ପରା ପ୍ରତି ଅଧିକ ସଚେତନତା ଓ ସ୍ୱୀକୃତି ମଧ୍ୟ ବୃଦ୍ଧି ପାଇବ।

ଏହି ପରିପ୍ରେକ୍ଷୀରେ ରାଜସ୍ୱ ସଚିବ ଶ୍ରୀ ପାଢ଼ୀ ଏହି ଉଦ୍ୟମରେ ଅଧିକାରୀ ଓ କର୍ମଚାରୀମାନଙ୍କ ଆଗ୍ରହ ସହକାରେ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜସ୍ୱ ସଚିବ ବିଭାଗର ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ଚିଠି ଲେଖି ପ୍ରତ୍ୟେକ ଶୁକ୍ରବାର ହସ୍ତତନ୍ତ ପୋଷାକ ପରିଧାନ ସହ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ସଂସ୍କୃତିକୁ ପ୍ରଚାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

# ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

ଭୁବନେଶ୍ୱର,୬।୩:ନ୍ୟୁଜ୍‌ବ୍ୟୁରୋ

ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା।

ପ୍ରଶାସନିକ ସେବାକୁ କେବଳ ପଦବୀ ନୁହେଁ, ବରଂ ଜନସେବାର ବ୍ରତ ଭାବେ ଗ୍ରହଣ କରି ଆପଣଙ୍କ ଜ୍ଞାନ ଓ ଅନୁଭବକୁ ସମାଜର ଶେଷ ସ୍ତରରେ ଥିବା ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ବିନିଯୋଗ କରନ୍ତୁ। ଜଣେ ଜଣେ ଦକ୍ଷ ପ୍ରଶାସକ ଭାବେ ନୈତିକତା ଏବଂ ସେବା ମନୋଭାବ ନେଇ ସମର୍ପଣର ସହ କାର୍ଯ୍ୟ କରି ବିକଶିତ ଭାରତ ଗଠନରେ ସହାୟକ ହୁଅନ୍ତୁ। ଆପଣମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି। ସେହିପରି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶାର ସମସ୍ତଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ନବୀନ ଲେଖିଛନ୍ତି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶାର ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ସେବାକୁ ବ୍ରତ ଭାବେ ଗ୍ରହଣ କରି ସମାଜର ଶେଷସ୍ତରରେ ଥିବା ଲୋକଙ୍କ ଜୀବନରେ ଉନ୍ନତି ଆଣିବା ସଭିଙ୍କ ଲକ୍ଷ୍ୟ ହେଉ। ପ୍ରତିଟି ପଦକ୍ଷେପରେ ନିଷ୍ଠା ଏବଂ ସମର୍ପଣ ରହୁ। ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ସାରା ରାଜ୍ୟରେ ପ୍ରାୟ ୨୦ ଲକ୍ଷରୁ ଅଧିକ ରହୁଛି ପୁରୁଣା ଗାଡ଼ି : ପରିବହନ ବିଭାଗ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com



ଇଣ୍ଡିଆ-ଇଂଲଣ୍ଡ ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମଠାରେ ଚାଲିଥିବା ବେଳେ ଷ୍ଟାଡିୟମ ବାହାରର ମନୋରମ ଦୃଶ୍ୟ। (ଫଟୋ : ଡାକ୍ତର ଅୟନ୍ ବୋଷ)

# ଜଳସମ୍ପଦ ବିଭାଗ ସଚିବଙ୍କ ଦ୍ୱାରା ନିର୍ମାଣ ନିଗମ ଲିମିଟେଡର କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର,୬।୩:ନ୍ୟୁଜ୍‌ବ୍ୟୁରୋ

ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓସିସିଏଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିଗମ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତର ରୋଡମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମୀକ୍ଷା ବୈଠକରେ ଓସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଇଂ. ବିଘ୍ନରାଜ ପୁରୋହିତଙ୍କ ସମେତ ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ସ୍ଥଳର ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଯୋଗଦେଇ କ୍ଷେତ୍ରସ୍ତରୀୟ ରିପୋର୍ଟ ଓ ତଥ୍ୟ ଉପସ୍ଥାପନ କରିଥିଲେ।

ଏହି ବୈଠକରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ପ୍ରଶାସନିକ କାର୍ଯ୍ୟଧାରାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ନିୟମିତ ମୂଲ୍ୟାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ, ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ ସମାପ୍ତି ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ସଘନ କ୍ଷେତ୍ର ପରିଦର୍ଶନ କରିବାକୁ ଏବଂ କାର୍ଯ୍ୟର ଅଗ୍ରଗତି ଉପରେ କଠୋର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସମାପ୍ତ ହୋଇଥିବା ଏବଂ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ବଜେଟ୍ ଅନୁଦାନ ଏବଂ ବ୍ୟୟ ଅଟକଳର ଏକ ବ୍ୟାପକ ସମୀକ୍ଷା କରାଯାଇଥିଲା। ବିଶେଷ କରି ରାଜ୍ୟର ବିଭିନ୍ନ ନଦୀରେ ନିର୍ମାଣାଧୀନ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ଗୁଡ଼ିକର ଅଗ୍ରଗତିର ମୂଲ୍ୟାୟନ କରାଯାଇଥିଲା। ମୌସୁମୀ ପୂର୍ବରୁ କାନପୁର ଏବଂ ସୁକତେଲ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜଳ ସଂରକ୍ଷଣ ନିଶ୍ଚିତ କରିବା ପାଇଁ କଠୋର ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକର ବନ୍ଧରେ ଗେଟ୍ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୬/୦୩/୨୦୨୬
୪,୧୨,୨୬୬/- ଟଙ୍କା
ସୁନା:-୦୧ ଗ୍ରାମ୍ ୦୦୦ ମିଲିଗ୍ରାମ
ରୂପା:-୧୩୯ ଗ୍ରାମ୍‌୫୦୦ ମିଲିଗ୍ରାମ୍

# ଭୁବନେଶ୍ୱରରେ ୩ ଶିଶୁ ନିଖୋଜ

ଭୁବନେଶ୍ୱର,୬।୩
ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱରରେ ମାତିଲେଣି ପିଲା ଚୋରି ଗ୍ୟାଙ୍ଗ। ବସ୍ତି ଅଞ୍ଚଳରେ ରହିଥିବା ଛୋଟ ପିଲାମାନଙ୍କୁ ସେମାନେ ଟାର୍ଗେଟ କରୁଛନ୍ତି। ଏକୁଟିଆ ଦେଖି ଅପହରଣ କରି ନେଉଥିବାର ଅଭିଯୋଗ ହୋଇଛି। ଭୁବନେଶ୍ୱର ସାଲିଆସାହିରୁ ଦୁଇ ଛୋଟ ଝିଅଙ୍କର ପତା ମିଳୁନଥିବା ବେଳେ ଧଉଳି ଅଞ୍ଚଳରୁ ଜଣେ ୧୨ ବର୍ଷର ପୁଅ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି।

## ଏବେ ବଜାରରେ ଉପଲବ୍ଧ...

ମାସିକ ଗଳ୍ପ ପତ୍ରିକା "କଥାକଳିକା"
ମାର୍ଚ୍ଚ-୨୦୨୬, ୧୨ଶ ଜନ୍ମବାର୍ଷିକ ବିଶେଷାଙ୍କ




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।
**ସମକାଳର କଥା :** ରଞ୍ଜନ କୁମାର ଦାସ, ଅଜୟ ମହାପାତ୍ର, ଅମରେସ ବିଶ୍ୱାଳ, ପ୍ରତାପ ବିଶ୍ୱାଳ, ମନୋଜ ଜେନା, ଲକ୍ଷ୍ମୀ ଚାନ୍ଦ୍, କମଳା ଶତପଥୀ, ସଚ୍ଚିଦାନନ୍ଦ କର, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ରେବା ପଟ୍ଟନାୟକ, ସୁକାନ୍ତି ରାଉତ, ପ୍ରଣିତା ରାଣୀ ବେହେରା, ସ୍ୱାଗତିକା ସେଠୀ, ସଞ୍ଜୁକ୍ତା ତ୍ରିପାଠୀ, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ନମିତା ଦାଶ, ବରଦା ପ୍ରସନ୍ନ ଦାସ, ସ୍ନିଗ୍ଧା ନାୟକ, ବାସନ୍ତୀ ଦାସ, କବିତା ମିଶ୍ର, ଶଶୀକାନ୍ତ ରାଉତ, ଅରବିନ୍ଦ ଦାସ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ, କନକ ମଂଜରୀ ସାହୁ।
**ଯୁବ ମାନସର କଥା :** ସ୍ରୋତସ୍ୱିନୀ ପରିଡ଼ା, ସରିତା ସିଂହ ମହାନ୍ତି, ରୀତାଞ୍ଜଳି ସାହୁ, ରୁମାଲି ନନ୍ଦ, ଚିନ୍ମୟୀ ପଣ୍ଡା।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୩୨/ ମୂଲ୍ୟ ୭୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)